ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Vol.26 . No.103 Bhubaneswar Saturday May 27 2023 | ୨୬ତମ ବର୍ଷ ସଂଖ୍ୟା-୧୦୩ ଭୁବନେଶ୍ୱର, ଶନିବାର, ମଇ ୨୭, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

# ଦୋ ଛକିରେ ଦୀପାଳି: ଆରମ୍ଭରୁ ଦିଗହରା ଥିଲା ତଦନ୍ତ, ରହସ୍ୟରେ ରହିଗଲା ଷଡଯନ୍ତ୍ରକାରୀଙ୍କ ଭୂମିକା





ଭୁବନେଶ୍ୱର,୨୬।୫(ପି.ଏନ): ତତ୍କାଳୀନ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାର ୧୧୭ଦିନ ପରେ ଆଜି ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଂଚ୍ ୫୪୩ପୃଷ୍ଠାର ପ୍ରିଲିମିନାରୀ ଚାର୍ଜସିଟ୍ ଦାଖଲ କରି ବ୍ୟକ୍ତିଗତ କାରଣ ପାଇଁ ଅଭିଯୁକ୍ତ ଗୋପାଳ ଦାସ ହତ୍ୟା କରିଥିବା କହିଛି । ନବ ଦାସ ଓ ତାଙ୍କ ସମର୍ଥକମାନେ ମାରିଦେବେ ବୋଲି ଆଶଙ୍କା କରି ନବଙ୍କୁ ଗୋପାଳ ହତ୍ୟା କରିଥିବା ନେଇ କ୍ରାଇମବ୍ରାଂଚ୍ ତା'ର ଚାର୍ଜସିଟରେ ଉଲ୍ଲେଖ କରିଥିଲେ ମଧ୍ୟ କେଉଁ କାରଣ ପାଇଁ ଗୋପାଳ ନିଜ ଜୀବନ ପ୍ରତି ବିପଦ ଆଶଙ୍କା କରୁଥିଲେ ଓ ନବ ତାଙ୍କୁ ହତ୍ୟା କରିବାକୁ ଚାହୁଁଥିବା ନେଇ କାହିଁକି ଗୋପାଳ ମନରେ ଧାରଣା ସୃଷ୍ଟି ହୋଇଥିଲା ସେ ସଂକ୍ରାନ୍ତରେ କ୍ରାଇମବ୍ରାଂଚ୍ ନିରବ ରହିଛି । ଆଉ କ୍ରାଇମବ୍ରାଂଚ୍‌ର ଏଭଳି ଚାର୍ଜସିଟ୍ ରିପୋର୍ଟ ଏବେ ନବଙ୍କ ଝିଅ ତଥା ଝାରସୁଗୁଡାର ନବନିର୍ବାଚିତା ବିଧାୟିକା ଦୀପାଳି ଦାସଙ୍କ ଅଡୁଆ ବଢ଼ାଇ ଦେଇଛି । ଜଣେ ଏଏସଆଇସ୍ତରର ପୁଲିସ ସହ ନବଙ୍କ ଭଳି ଜଣେ ହାଇଫ୍ରୋଫାଇଲ୍ ନେତା ପୁଣି କ୍ୟାବିନେଟ୍ ମନ୍ତ୍ରୀଙ୍କର କ'ଣ ବ୍ୟକ୍ତିଗତ ଆକ୍ରୋଶ ରହିଥିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।ନବ ଓ ତାଙ୍କ ସମର୍ଥକଙ୍କ ଆଡୁ ଜୀବନ ପ୍ରତି ବିପଦ ଆଶଙ୍କା କରି ଗୋପାଳ ଏଭଳି ହତ୍ୟା କରିଛି ବୋଲି କ୍ରାଇମବ୍ରାଂଚ୍ ଖୋଦ୍ ଚାର୍ଜସିଟରେ ଉଲ୍ଲେଖ କରିବା ପରୋକ୍ଷରେ 'ଆତ୍ମରକ୍ଷା ପାଇଁ ହତ୍ୟା' ନିମନ୍ତେ ଗୋପାଳକୁ କୋର୍ଟରେ ଖସିଯିବାର ସୁଯୋଗ ମଧ୍ୟ ଆଣି ଦେଇଛି । ଏପରିକି ଷଡଯନ୍ତ୍ର ଦିଗର ତଦନ୍ତ କରାଯିବ ବୋଲି ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ସତ୍ତ୍ୱେ କ୍ରାଇମବ୍ରାଂଚ୍ 'ଷଡଯନ୍ତ୍ରର ଦିଗ'କୁ ନେଇ ସମ୍ପୂର୍ଣ୍ଣ ନିରବ ରହିବା, ନବଙ୍କ ହତ୍ୟା ପଛରେ ଷଡଯନ୍ତ୍ରରେ ଯେଉଁମାନଙ୍କ ନାଁ ଚର୍ଚ୍ଚାକୁ ଆସୁଥିଲା ସେମାନଙ୍କୁ ତଦନ୍ତ ପରିସରଭୁକ୍ତ ନକରି ସମ୍ପୂର୍ଣ୍ଣ ଆଖିବୁଜି ଦେଇ ଆରମ୍ଭରୁ ହିଁ ତଦନ୍ତକୁ କ୍ରାଇମବ୍ରାଂଚ୍ ବାଟବଣା କରିଥିବା ସ୍ପଷ୍ଟ ହୋଇଛି ।

## ମୋଦି ସରକାରଙ୍କୁ ପୂରିଲା ୯ ବର୍ଷ: ପ୍ରଧାନମନ୍ତ୍ରୀଙ୍କୁ ୯ଟି ପ୍ରଶ୍ନ ପଚାରିଲା କଂଗ୍ରେସ

ନୂଆଦିଲ୍ଲୀ,୨୬।୫(ପି.ଏନ): ପ୍ରଧାନମନ୍ତ୍ରୀ ଭାବେ ଆଜି ନରେନ୍ଦ୍ର ମୋଦି ଶାସନ ଗାଦିରେ ୯ ବର୍ଷ ପୂରଣ କରିଛନ୍ତି। ୨୦୧୪ ମସିହା ମେ' ୨୬ରେ ସେ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ। ପ୍ରଚଣ୍ଡ ଜନମତ ସହ ବିଜେପି କେନ୍ଦ୍ରରେ ସରକାର ଗଠନ କରିଥିଲା। ଆଜି ବିଜେପି ସରକାରକୁ ୯ ବର୍ଷ ପୂରିଛି। ବିଜେପି ଏହାକୁ ଧୂମଧାମରେ ପାଳନ କରୁଥିବା ବେଳେ କଂଗ୍ରେସ ଏହାକୁ କ୍ଷମା ମାଗିବା ଦିବସ ବା ମାଫି ଦିବସ ଭାବେ ପାଳନ କରିବାକୁ କହିଛି ।ଏଥିସହ କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ୯ଟି ପ୍ରଶ୍ନ କରାଯାଇଛି। ଦରବୃଦ୍ଧି, ବେକାରୀ ଓ ଚାଷୀଙ୍କ ଆୟ ଆଦି ପ୍ରସଙ୍ଗରେ ଦଳ ୯ଟି ପ୍ରଶ୍ନ ପଚାରିଛି। ଶାସନ ଗାଦରେ ବସି ମୋଦି ଧୋକା ଦେଇଥିବାରୁ କଂଗ୍ରେସ ତାଙ୍କୁ କ୍ଷମା ମାଗିବାକୁ ମଧ୍ୟ କହିଛି। ସରକାର ଆଜିର ଦିନକୁ ମାଫି ଦିବସ ଭାବେ ପାଳନ କରିବା ଉଚିତ ବୋଲି ଦଳ କହିଛି ।କଂଗ୍ରେସ ନେତା ରାହୁଲ ଗାନ୍ଧି ଭାରତ ଯୋଡ ଯାତ୍ରା ବେଳେ ଅନେକ ପ୍ରସଙ୍ଗ ଉଠାଇଥିଲେ। ଆଜି ଦଳ ସେହିସବୁ ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ୯ଟି ପ୍ରଶ୍ନ ପ୍ରସ୍ତୁତ କରିଛି ।ଦିଲ୍ଲୀରେ ଥିବା କଂଗ୍ରେସ ମୁଖ୍ୟାଳୟରେ ବରିଷ୍ଠ ନେତା ଜୟରାମ ରମେଶ, ପବନ ଖେଡା ଓ ସୁପ୍ରିୟା ଶ୍ରିନେଟ ଗୋଟିଏ ବୁକଲେଟ ରିଲିଜ୍ ? କରି ୯ ପ୍ରଶ୍ନ କରିଛନ୍ତି। ଏହାର ନାଁ 'ନୂଆ ବର୍ଷ, ନୂଆ ପ୍ରଶ୍ନ' ରହିଛି। ରମେଶ କହିଛନ୍ତି, "ପିଏମ ମୋଦି ୯ ବର୍ଷ ତଳେ ଆଜିର ଦିନରେ ପ୍ରଧାନମନ୍ତ୍ରୀ ହୋଇଥିଲେ। ତେଣୁ ଦଳ ତାଙ୍କୁ ୯ଟି ପ୍ରଶ୍ନ ପଚାରିବାକୁ ଚାହୁଁଛି। ପ୍ରଧାନମନ୍ତ୍ରୀ ଏହି ୯ ପ୍ରଶ୍ନ ଉପରେ ନିଜର ନୀରବତା ଭାଙ୍ଗନ୍ତୁ।"

## ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକୁ ବେଖାତିର, ନିକୁଞ୍ଜ ଧଳଙ୍କୁ ଦେଲେ ଶକ୍ତି ବିଭାଗ




ଭୁବନେଶ୍ୱର,୨୬।୫(ପି.ଏନ):ଜାତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକୁ ବେଖାତିର କରି ରାଜ୍ୟ ସରକାର ଆଜି ମୁଖ୍ୟ ନିର୍ବାଚନ ଅଧିକାରୀ ୧୯୯୩ ବ୍ୟାଚ୍ ଆଇଏଏସ୍ ନିକୁଞ୍ଜ ବିହାରୀ ଧଳ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଓ ଗ୍ରୀଡକୋ ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏନେଇ ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ୨୦୨୩ ମାର୍ଚ୍ଚ ୧୭ତାରିଖରେ ଜାତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି ବିଜ୍ଞପ୍ତିକୁ ଓଡିଶା ସରକାର ଖୋଲାଖୋଲି ଉଲ୍ଲଙ୍ଘନ କରିଥିବା ଜଣାପଡିଛି ।ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ପାଉଥିବା ଅଫିସରଙ୍କୁ ରାଜ୍ୟ ସରକାରରେ କୌଣସି ଅତିରିକ୍ତ ଦାୟିତ୍ୱ ନଦେବା ପାଇଁ ଜାତୀୟ ନିର୍ବାଚନ କମିଶନ ନିଜର ବିଜ୍ଞପ୍ତିରେ ଉଲ୍ଲେଖ କରିଥିବା ଓ ପରେ ଏହି ବିଜ୍ଞପ୍ତିକୁ ସାଧାରଣ ପ୍ରଶାସନ ବିଭାଗ ୨୦୨୩ ମାର୍ଚ୍ଚ ୨୪ତାରିଖରେ ପୁନଃ ବିଜ୍ଞପ୍ତି ଆକାରରେ ଜାରି କରିଥିଲେ ବି ଆଜି ନିଜର ତଥା ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମାକୁ ଖୋଲା ଉଲ୍ଲଘଂନ କରିବାକୁ ପଛାଇ ନାହିଁ ।

## ଶୁକ୍ରବାରଦିନ ସିଦ୍ଧାରମେୟା ଦିଲ୍ଲୀରେ ସୋନିଆ ଗାନ୍ଧୀଙ୍କ ଭେଟିଛନ୍ତି

ନୂଆଦିଲ୍ଲୀ ,୨୬।୫(ପି.ଏନ): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରମେୟା ଶୁକ୍ରବାରଦିନ ଦିଲ୍ଲୀ ପହଂଚି କଂଗ୍ରେସର ବରିଷ୍ଠ ନେତା ସୋନିଆ ଗାନ୍ଧୀ ଏବଂ ପାର୍ଟିର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଭେଟିଛନ୍ତି ।ସୁତ୍ରରୁ ପ୍ରକାଶ କର୍ଣ୍ଣାଟକରେ କ୍ୟାବିନେଟ ବିସ୍ତାରକୁ ଆଖି ଆଗରେ ରଖି ସିଦ୍ଧାରମେୟା ପାର୍ଟିର ବରିଷ୍ଠ ନେତାଙ୍କ ସହିତ ଆଲୋଚନା ପାଇଁ ଦିଲ୍ଲୀ ଆସିଛନ୍ତି । ସେ ଯେତେବେଳେ ସୋନିଆ ଗାନ୍ଧୀଙ୍କୁ ଭେଟିବାକୁ ୧୦ ଜନପଥରେ ପହଂଚିଲେ ସେଠାରେ ରାହୁଲ ଗାନ୍ଧୀ ମଧ୍ୟ ଉପସ୍ଥିତ ଥିଲେ। ସିଦ୍ଧାରମେୟା ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ସହିତ ଭେଟହେବା ପୂର୍ବରୁ ସେ କଂଗ୍ରେସର ମହାସଚିବ ପ୍ରିୟଙ୍କା ଗାନ୍ଧୀଙ୍କୁ ବାଡ୍ରାରେ ଭେଟିଥିଲେ । ସେହି ସମୟରେ ତାଙ୍କ ସହିତ ରାଜ୍ୟର ମନ୍ତ୍ରୀ ବୀଜେଡ ଜମିର ଅହମ୍ମଦ ଖାନ ଏବଂ ବିଧାୟକ ବୈରାଥି ସୁରେଶ ମଧ୍ୟ ଥିଲେ।

## ଭୁବନେଶ୍ୱର ଏମସ୍ ରୁ ୨ ଦଲାଲ୍ ଗିରଫ

ଭୁବନେଶ୍ୱର, ୨୬।୫(ପି.ଏନ): ଭୁବନେଶ୍ୱର ଏମ୍ ସରୁ ୨ ଜଣ ବଙ୍ଗୀୟ ଦଲାଲଙ୍କୁ ଗିରଫ କରିଛି କମିଶନରେଟ୍ ପୋଲିସ୍। ଗିରଫ ଦୁଇ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ରାଜ୍ୟ ପର୍ଶ୍ଚିମ ମେଦିନାପୁର ଅଂଚଳର ଅମିତ ପ୍ରତିହାରୀ ଓ ଗୋପାଳ ଭଟ୍ଟ। ସମାନେ ପ୍ରତିଦିନ ସକାଳେ ଲାଇନ୍ ରେ ଛିଡ଼ା ହୋଇ ବିଭିନ୍ନ ବିଭାଗର ଟୋକନ କାଟୁଥିଲେ। ପରେ ସେହି ଟୋକନକୁ ଉଚ୍ଚା ଦରରେ ରାଜ୍ୟ ବାହାରୁ ଅର୍ଥାତ ପର୍ଶ୍ଚିମବଙ୍ଗରୁ ଆସୁଥିବା ରୋଗୀଙ୍କୁ ବିକୁ ଥିଲେ। ୨୦୦୦ ଟଙ୍କାରୁ ୧୦,୦୦୦ ଟଙ୍କା ଭିତରେ ଟୋକନ ବିକୁଥିଲେ।

## ଜମି ରେଜିଷ୍ଟ୍ରେସନ ପାଇଁ ହେବ ଅନଲାଇନ ସ୍ଲଟ ବୁକିଙ୍ଗ : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୨୬।୫(ପି.ଏନ): ଅନଲାଇନରେ ସ୍ଲଟ ବୁକ କରାଯିବ । ଲୋକମାନଙ୍କୁ ବାରମ୍ବାର ଆଉ ଦୌଡ଼ିବାକୁ ପଡିବ ନାହିଁ କି ସମୟ ମଧ୍ୟ ନଷ୍ଟ ହେବ ନାହିଁ । ନିର୍ଦ୍ଦିଷ୍ଟ ସମୟ ଦିଆଯିବ । ସେହି ସମୟରେ ସେମାନେ ତହସିଲ ଓ ସବ ରେଜିଷ୍ଟ୍ରେସନ ଅଫିସରେ ପହଞ୍ଚିବେ । ଜମି ରେଜିଷ୍ଟ୍ରେସନ ଅନଲାଇନ ସ୍ଲଟ ବୁକିଙ୍ଗ ପ୍ରସଙ୍ଗରେ ପ୍ରତିକ୍ରିୟା ବ୍ୟକ୍ତ କରି ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଏହା କହିଛନ୍ତି । ସେ କହିଛନ୍ତି ଯେ ଜମିବାଡ଼ି କିଣାବିକା ସେହି ସମୟରେ ହେବ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ବିଭାଗ କାମ କରୁଛି। ଦେଶରେ ଏହା ପ୍ରଥମ। ଦେଶରେ ଲ୍ୟାଣ୍ଡ ଆକ୍ୟୁଜେସନ ରେ ମଧ୍ୟ ପ୍ରଥମ। ଯିଏ ଯେତେବେଳେ ଉନ୍ନତି ମୂଳକ କାମ ପାଇଁ ଜମି ମାଗିଛନ୍ତି ତାଙ୍କୁ ଯୋଗାଇ ଦିଆଯାଇଛି ବୋଲି ସେ କହିଛନ୍ତି ।

## ମେ' ୨୮ରେ ଯୁକ୍ତ ୨ ପରୀକ୍ଷା ଫଳ ତାରିଖ ଘୋଷଣା ହେବ

ଭୁବନେଶ୍ୱର, ୨୬।୫(ପି.ଏନ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ଫଳ କେବେ ପ୍ରକାଶିତ ହେବ ସେ ନେଇ ଆଗାମୀ ମେ' ୨୮ ତାରିଖରେ ତାରିଖରେ ଘୋଷଣା କରାଯିବ । ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି ।ସେ ଦେଇଥିବା ସୂଚନା ଅନୁସାରେ ୨୮ ତାରିଖ ସଂଧ୍ୟାରେ ୨ ପରୀକ୍ଷା ଫଳ ତାରିଖ ଘୋଷଣା କରାଯିବ। ପ୍ରଥମେ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ତାରିଖ ଘୋଷଣା ହେବ। ଏହାପରେ ପରେ କଳା ଓ ଧନ୍ଦାମୂଳକ ପରୀକ୍ଷା ଫଳ ପ୍ରକାଶିତ ହେବ। ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ଫଳ ମେ' ୩୦ କିମ୍ବା ୩୧ତାରିଖରେ ପ୍ରକାଶ ପାଇବାର ସମ୍ଭାବନା ରହିଛି। ତେଣେ ଜୁନ ୮ ସୁଦ୍ଧା ଯୁକ୍ତ ୨ କଳା ଓ ଧନ୍ଦାମୂଳକ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ଅନୁମାନ କରାଯାଉଛି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ଖାତା ମୂଲ୍ୟାୟନ ଗତ ଏପ୍ରିଲ୍ ୧୦ ତାରିଖରୁ ଆରମ୍ଭ ହୋଇଥିଲା।

## ଜୁନରେ ମେଟ୍ରୋ ଟ୍ରେନ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର, ୨୬।୫(ପି.ଏନ): ଖୁବ୍ ଶୀଘ୍ର ଆରମ୍ଭ ହେବ ମେଟ୍ରୋ ଟ୍ରେନ ଚଳାଚଳ। ଜୁନ ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମେଟ୍ରୋ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିବେ। ଗୃହ ଓ ନଗର ଉନ୍ନୟନ ସଚିବ ଜି.ମାଥିଭାଥନନ ଏହି ସୂଚନା ଦେଇଛନ୍ତି ।ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ପରେ ଗୃହ ଓ ନଗର ଉନ୍ନୟନ ସଚିବ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ମେଟ୍ରୋ ଟ୍ରେନ ପାଇଁ ସର୍ଭେ ସରି ଯାଇଛି । ଦିଲ୍ଲୀ ମେଟ୍ରୋ ରେଳ ନିଗମ ଏହାର ଡିପିଆର ପ୍ରସ୍ତୁତ କରୁଛି । ଏହା ଏବେ ଅନ୍ତିମ ପର୍ଯ୍ୟାୟରେ ପହଂଚିଛି।

## ଉତରାଖଣ୍ଡ : ବିଶ୍ୱ ହିନ୍ଦୁ ପରିଷଦର କେନ୍ଦ୍ରୀୟ ମାର୍ଗଦର୍ଶକ ମଣ୍ଡଳର ଦୁଇଦିନିଆ ବୈଠକ ଶେଷ

ହରିଦ୍ୱାର, ୨୬।୫(ପି.ଏନ): କନଖଲସ୍ଥିତ ଶ୍ରୀ କୃଷ୍ଣ ନିବାସ ଆଶ୍ରମରେ ଆୟୋଜିତ ବିଶ୍ୱ ହିନ୍ଦୁ ପରିଷଦ(ବିହିପ)ର କେନ୍ଦ୍ରୀୟ ମାର୍ଗଦର୍ଶକ ମଣ୍ଡଳର ଦୁଇଦିନିଆ ବୈଠକ ଶୁକ୍ରବାର ଦିନ ଶେଷ ହୋଇଛି। ବୈଠକର ପ୍ରଥମ ଦିନର ଦୁଇ ପର୍ଯ୍ୟାୟରେ ଭାରତୀୟ ସଂସ୍କୃତି ଏବଂ ସଂସ୍କାର ଉପରେ କୁଠାରାଘାତ, ସମଲୈଙ୍ଗିକତା, ଲିଭ୍ ଇନ୍ ରିଲେଶନସିପ୍, ଦେଶର ସମସ୍ତ ମଠ-ମନ୍ଦିରକୁ ସରକାରୀ ନିୟନ୍ତ୍ରଣରୁ ମୁକ୍ତ କରିବା ପରି ବିଷୟ ଉପରେ ସନ୍ଥମାନେ ନିଜ ବିଚାର ପ୍ରକଟ କରି ଚିନ୍ତନ ମନନ କରିଛନ୍ତି। ସନ୍ଥମାନେ ଅବୈଧ ଧର୍ମାନ୍ତରଣ ଏବଂ ବକ୍‌ଫ ବୋର୍ଡ଼କୁ ଅସୀମିତ ଅଧିକାର ଉପରେ ଚିନ୍ତା ବ୍ୟକ୍ତ କରି ନିଜ ବିଚାର ରଖିଥିଲେ ।ବୈଠକର ଶେଷ ଦିନର ଶେଷ ଅଧିବେଶନ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ରର ନ୍ୟାସୀ ଯୁଗପୁରୁଷ ମହାମଣ୍ଡଳେଶ୍ୱର ପରମାନନ୍ଦ ମହାରାଜଙ୍କ ଅଧ୍ୟକ୍ଷତାରେ ସମ୍ପନ୍ନ ହୋଇଥିଲା। ବୈଠକରେ ଶୁକ୍ରବାର ଦିନ ଉତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ଧାମି ସନ୍ଥମାନଙ୍କୁ ମାଲ୍ୟାର୍ପଣ କରି ଆଶୀର୍ବାଦ ନେଇଥିଲେ।

## ୨୦୦୦ ଟଙ୍କିଆ ନୋଟ୍ ଜମା କରିବାକୁ ଆସିଥିଲେ ନକ୍ସଲ, ମାଡିବସିଲେ ଯବାନ



ମାଲକାନଗିରି,୨୬।୫(ପି.ଏନ): ୨୦୦୦ ଟଙ୍କିଆ ନୋଟ୍ ପ୍ରତ୍ୟାହର ନିଷ୍ପତ୍ତି ପରେ ନକ୍ସଲ ସଙ୍ଗଠନରେ ଭାଳେଣି ପଡିଛି। ପାଖରେ ଥିବା ବିପୁଳ ପରିମାଣର ନୋଟ୍‌କୁ କେମିତି ବଦଳାଇବେ, ତାକୁ ଚିନ୍ତାରେ ପଡିଗଲେଣି। ତେଣୁ ନକ୍ସଲ ନେତାମାନେ ଗରିବ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ମାଧ୍ୟମ କରି ୨୦୦୦ ଟଙ୍କିଆ ନୋଟ୍ ବଦଳାଉଛନ୍ତି। ଆଜି ଏମିତି ଏକ ରାକେଟ୍ ପର୍ଦ୍ଦାଫାସ ହୋଇଛି। ଜମା ହେବାକୁ ଆସିଥିବା ୨୦୦୦ ଟଙ୍କା ନୋଟ୍ ପ୍ରାୟ ୬ ଲକ୍ଷ ଟଙ୍କା ଜବତ କରିଛି ଡିଆରଜି ଯବାନ। ଏନେଇ ସୂଚନା ଦେଇଛନ୍ତି ଛତିଶଗଡ ବିଜାପୁର ଏସ୍‌ପି ଅଞ୍ଜନେୟ ବାର୍ଷ୍ଣେୟ ।ଛତିଶଗଡର ନକ୍ସଲ ନେତା ମଲେସ୍‌ଠାରୁ ୮ ଲକ୍ଷ ଟଙ୍କା (୨୦୦୦ ଟଙ୍କିଆ ନୋଟ୍) ଧରି ବିଜାପୁର ଜିଲ୍ଲାରେ ବିଭିନ୍ନ ବ୍ୟାଙ୍କରେ ଜମା କରୁଥିଲେ ଦୁଇ ନକ୍ସଲ ସମର୍ଥକ। ଦୁଇ ଲକ୍ଷରୁ ଅଧିକ ଟଙ୍କା ଜମା କରିସାରିଥିଲେ। ବାକି ଟଙ୍କା ଜମା କରୁଥିବା ବେଳେ ବ୍ୟାଙ୍କରେ ଡିଆରଜି ଯବାନ ମାଡି ବସିଥିଲା। ଯବାନମାନେ ଦୁଇ ନକ୍ସଲ ସମର୍ଥକଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କଠାରୁ ନଗଦ ୬ ଲକ୍ଷ ଟଙ୍କାର ୨୦୦୦ ଟଙ୍କିଆ ନୋଟ୍ ଓ ୧୧ଟି ପାସ୍‌ବୁକ ଜବତ କରିଥିଲା।

## ୪ରେ କେରଳ ଛୁଇଁବ ମୌସୁମୀ, କିନ୍ତୁ ଜୁନରେ ସ୍ୱାଭାବିକ ଠାରୁ କମ ବର୍ଷିବ



ଭୁବନେଶ୍ୱର,୨୬।୫(ପି.ଏନ): ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଜୁନ୍ ୪ରେ କେରଳ ଛୁଇଁବାର ଯଥେଷ୍ଟ ସମ୍ଭାବନା ରହିଛି। ଏଥର ମୌସୁମୀ ବିଳମ୍ବରେ ଆସିବାକୁ ଥିବା ବେଳେ ଏହା ଉପରେ ଏଲ ନିନୋର ପ୍ରଭାବ ପଡିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଜୁନ୍ ମାସରେ ସମଗ୍ର ଦେଶରେ ସ୍ୱାଭାବିକ ଠାରୁ କମ ବର୍ଷା ହୋଇପାରେ ବୋଲି ଆଜି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି ।କେରଳ ଛୁଇଁବାର ୧୦ ଦିନ ପରେ ସାଧାଣତଃ ମୌସୁମୀ ଓଡିଶାକୁ ଆସିଥାଏ। ତେଣୁ ଜୁନ ୪ରେ ମୌସୁମୀ କେରଳ ଛୁଇଁବାକୁ ଥିବା ବେଳେ ଜୁନ ୧୪ ଅର୍ଥାତ ରଜ ବେଳକୁ ଓଡିଶାରେ ପ୍ରବେଶ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଗତବର୍ଷ ମେ' ୨୯ ତାରିଖରେ ମୌସୁମୀ କେରଳ ଛୁଇଁଥିଲା। ୨୦୨୧ରେ ଏହା ଜୁନ ୩ ଓ ୨୦୨୦ରେ ମୌସୁମୀ ଜୁନ ୧ରେ କେରଳରେ ତା'ର ଉପସ୍ଥିତି ଜାହିର କରିଥିଲା।

## ଗଞ୍ଜେଇ ଚୋରା ଚାଲାଣ ମାମଲା : ତେଲେଙ୍ଗାନାର କନେଷ୍ଟବଲଙ୍କ ସମେତ ୭ ଗିରଫ

ମାଲକାନଗିରି, ୨୬।୫(ପି.ଏନ): ଏକ ଗଂଜେଇ ଚୋରା ଚାଲାଣ ମାମଲାରେ କାଲିମେଲା ପୁଲିସ ତେଲେଙ୍ଗାନାର ଜଣେ ପୁଲିସ କନେଷ୍ଟବଲଙ୍କ ସମେତ ୭ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିବାର ଜଣାପଡ଼ିଛି। ଗିରଫ କନେଷ୍ଟବଲଙ୍କ ନାମ ହେଲା ଆର. ଶ୍ରୀନୁ ନାୟକ। ସଂପୃକ୍ତ କନେଷ୍ଟବଲଙ୍କର ଘର ତେଲେଙ୍ଗାନା ରାଜ୍ୟର ରଗାଂରେଡ଼ି ଜିଲ୍ଲା ଅନ୍ତର୍ଗତ ଲାଲବାହାଦୁର ନଗରରେ। କନେଷ୍ଟବଲଙ୍କ ନାମରେ ପୂର୍ବରୁ ମଧ୍ୟ ୨ଟି ମାମଲା ଥିବାର ସୂଚନା ମିଳିଛି ।ସୂଚନା ଅନୁସାରେ, କାଳିମେଲା ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାୟକଙ୍କ ନେତୃତ୍ୱରେ ବୁଧବାର ରାତିରେ ପାଟ୍ରୋଲିଂ ଚାଲିଥିବା ବେଳେ ପୁଲିସ କମଳାପଦର ଘାଟିରୁ ସଂଦେହରେ ୨ଟି କାରକୁ ଜବତ କରିଥିଲା। ୨ଟି ଯାକ କାରକୁ ସର୍ଚ୍ଚ କରିବାରୁ ଡ଼ିକିରେ ୧୦୩ କିଲୋ ଗଂଜେଇ ଠାବ ହୋଇଥିଲା। ଗୋଟିଏ କାରରେ ୩ ଜଣ ବସିଥିବା ବେଳେ ଅନ୍ୟ ଗାଡ଼ିରେ ୪ ଜଣ ବସିଥିଲେ। ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରାଯିବାରୁ ସେମାନଙ୍କ ମଧ୍ୟରୁ ଜଣେ ତେଲେଙ୍ଗାନା ପୁଲିସ ବିଭାଗର କନେଷ୍ଟବଳ ବୋଲି ଜଣପଡ଼ିଥିଲା। ସେହିପରି ଅନ୍ୟଜଣେ ମଧ୍ୟ ପୁଲିସବାବୁଙ୍କର ସଂପର୍କୀୟ ଭାଇ ରହିଥିବାର ପୁଲିସ ଜାଣିବାକୁ ପାଇଛି। ଏହି ୨ଟି ଦାମୀ କାରରୁ ୧୦୩ କିଲୋ ଗଂଜେଇ ସହ ୩ଟି ଆଇଫୋନ, ୩ଟି ସ୍ମାର୍ଟ ଫୋନ ପୁଲିସ ଜବତ କରିଛି। ଏଥିରେ ସଂପୃକ୍ତ ୭ଜଣଙ୍କୁ ଗିରଫ କରି ଗତକାଲି କୋର୍ଟଚାଲାଣ କରିଛି। ୭ ଜଣ ଗିରଫ ଅଭିଯୁକ୍ତ ହେଲେ ତେଲେଙ୍ଗାନାର ରଂଗାରେଡ଼ି ଜିଲ୍ଲା ଅନ୍ତର୍ଗତ ଲାଲବାହାଦୁର ନଗରର ଆର ଶ୍ରୀନୁ ନାୟକ (ତେଲେଙ୍କାନା ପୁଲିସ କନେଷ୍ଟବଳ-୮୧୫୫ଏଆର), ରଂଗାରେଡ଼ି ଜିଲ୍ଲା ଅନ୍ତର୍ଗତ ମିରପେଟ ଅଂଚଳର କେ. ବିଜୟ ନାୟକ, ମହାରାଷ୍ଟ୍ରର ଉସମାନବାଦ ଅଂଚଳର ବାଲୁ ଯାଦବ, କାଲିମେଲା ଦୁଲାଗାଣ୍ଡି ଗ୍ରାମର କେ.ଲକ୍ଷଣ, ଆନ୍ଧ୍ରପ୍ରଦେଶର ଗୁଂଟୁର ଅଂଚଳର ଆର. କାର୍ତିକ, ଆର. ରାଜୀବ ଓ ଏନ୍. ବେଣୁଗୋପାଳ।

# ୨୧ଟି ଗ୍ରାମର ୫୮୬୫ ପରିବାର ପାଣି ମୁନ୍ଦେ ପାଇବା ପାଇଁ ହୀନସ୍ତା

ମାଲକାନଗିରି, ୨୬।୫(ପି.ଏନ): ବିଶୁଦ୍ଧ ଜଳ ଯୋଗାଇ ଦେବାକୁ ୨୦୨୦ ମସିହାରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜନାକୁ ଶୁଭାରମ୍ଭ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଲୋକାର୍ପଣ ଅବସରରେ ମାଲକାନଗିରି ଜିଲ୍ଲା କାଲିମେଳାବାସୀଙ୍କୁ ଭେଟି ଦେଇଥିଲେ ବୃହତ୍ ପାନୀୟ ଜଳ ପ୍ରକଳ୍ପ। ଭେଙ୍କଟପାଲମ ଠାରେ ଏହି ପ୍ରକଳ୍ପ ନିର୍ମାଣ କରିବାକୁ ସ୍ଥାନ ନିରୂପଣ ହୋଇଥିଲା। ୩୭ କୋଟି ୨ ଲକ୍ଷ ୨୪ ହଜାର ଟଙ୍କା ବ୍ୟୟରେ ଜେଏମସି ପ୍ରୋଜେକ୍ଟ ଇଣ୍ଡିଆ ଲିମିଟେଡ ନାମକ କଂପାନି ପ୍ରକଳ୍ପ କାମ କରିବାକୁ ସରକାରଙ୍କ ସହ ଚୁକ୍ତି କରିଥିଲା। ଭେଙ୍କଟପଲମ ଗ୍ରାମ ନିକଟରେ ପ୍ରବାହିତ ପୋଟେରୁ ନଦୀ କୂଳରେ ୪.୫ ଏମଏଲଡି କ୍ଷମତା ବିଶିଷ୍ଟ ଏହି ବୃହତ୍ ପ୍ରକଳ୍ପ ନିମନ୍ତେ ନାବାର୍ଡ ଅର୍ଥ ଯୋଗାଇ ଦେଇଛି। ଏହି ପ୍ରକଳ୍ପ ପରେ ଜଳକଷ୍ଟର ଅନ୍ତ ହୋଇଯିବ ବୋଲି କାଲିମେଳାବାସୀଙ୍କ ମଧ୍ୟରେ ଆଶା ସଂଚାର ହୋଇଥିଲା। କିନ୍ତୁ, ଚୁକ୍ତି ଅବଧି ଶେଷ ହେବାକୁ ଆଉ ୪ ମାସ ରହିଥିବା ବେଳେ ପ୍ରକଳ୍ପ ସଂପୂର୍ଣ୍ଣ ହୋଇନି। ପ୍ରାୟ ଅଧା କାମ ସରିଥିବା ବେଳେ ବଳକା କାମ କେବେ ଶେଷ ହେବ ବୋଲି କାଲିମେଳା ଭେଙ୍କଟପଲମ, ବଡ଼ିଗେଟା, ଗମ୍ପାକୋଣ୍ଡା ଏବଂ କୋଇମେଟଲା ପଂଚାୟତବାସୀ ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୨୧ଟି ଗ୍ରାମର ୫୮୬୫ ପରିବାର ପାଣି ମୁନ୍ଦେ ପାଇବା ପାଇଁ ହୀନସ୍ତା ହେଉଛନ୍ତି। ପୋଟେରୁ ନଦୀରୁ ମୋଟର ଯୋଗେ ପାଣି ଉଠାଇ ତାହାକୁ ବିଶୋଧନ ପରେ ଜଳ ଯୋଗାଇ ଦେବାକୁ ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା। ତେଣୁ କାଲିମେଳା, ଗମ୍ପାକୋଣ୍ଡା, କୋଇମେଟଲା, ଭେଙ୍କଟପଲମ, ବଡିଗେଟା ପଂଚାୟତର ଉଚ୍ଚ ସ୍ଥାନରେ ବଡ଼ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ ଶେଷ ହୋଇଛି। ତଥାପି ନିର୍ଦ୍ଧାରିତ ସମୟ ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେବାର ସମ୍ଭାବନା କମ୍। କାରଣ ପୋଟେରୁ କୂଳରେ ନିର୍ମିତ ଇନଟ୍ଲେ ଓ୍ୱେଲ ସଂପୂର୍ଣ୍ଣ ହୋଇନି। ସେହିପରି ଗୋଟିଏ ପମ୍ପ ହାଉସ, ଗୋଟିଏ ଅଫିସ କୋଠା, ଗୋଟିଏ କ୍ଲିଅର ଓ୍ୱାଟର ରିଜର୍ଭ ଟାଙ୍କି, ଦୁଇଟି ସିଲ୍ଏଫ୍ ଟାଙ୍କି, ଗୋଟିଏ ଫିଲ୍ଟର ହାଉସ, ଗୋଟିଏ ବ୍ଲିଚିଂ ରୁମ୍, ଗୋଟିଏ ଏରିଏଟର ହାଉସ, ଗୋଟିଏ କେମିକାଲ ହାଉସ, ଗୋଟିଏ ସିଏଫବି କୋଠା ଏବେ ମଧ୍ୟ ଅସଂପୂର୍ଣ୍ଣ ଅବସ୍ଥାରେ ରହିଛି। ଏଥିସହିତ ପାଇପିଂ ଓ ଇଲେକ୍ଟ୍ରିକାଲ କାମ ଆଦେ ? ଆରମ୍ଭ ହୋଇନଥିବା ଦେଖିବାକୁ ମିଳିଛି। ଓଭର ହେଡ୍ ଟାଙ୍କିରୁ ଘର ପର୍ଯ୍ୟନ୍ତ ଜଳ ଯୋଗାଣ ନିମନ୍ତେ ପାଇପ ବିଛାଇବା କାମ ମଧ୍ୟ ସଂପୂର୍ଣ୍ଣ ହୋଇନି। ବର୍ଷ ବର୍ଷ ଧରି ରାସ୍ତାରେ ପାଇପ ଗୁଡ଼ିକ ପଡ଼ିଛି। କିନ୍ତୁ, କଂପାନି ପକ୍ଷରୁ ପାଇପ ବିଛାଇବା ପାଇଁ ଗାଁ ରାସ୍ତାକୁ ଖୋଳି ଛାଡ଼ି ଦେଇଥିବାରୁ ଯାତାୟାତ ପ୍ରଭାବିତ ହେଉଛି ।ଠିକାସଂସ୍ଥା ପକ୍ଷରୁ କାମ କରୁଥିବା ସ୍ଥାନୀୟ ଠିକାଦାରଙ୍କୁ ଟଙ୍କା ଦେବାରେ ବିଳମ୍ବ ହେଉଥିବାରୁ ଏମିତି ସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ ଓ ପାନୀୟ ଜଳ ବିଭାଗ ନିର୍ବାହୀ ଯନ୍ତ୍ରୀ ରିତେଶ ସାହୁଙ୍କୁ ଯୋଗାଯୋଗ କରିବାରୁ କଂପାନିକୁ କାମ ଶୀଘ୍ର ଶେଷ କରିବାକୁ ବାରମ୍ବାର ତାଗିଦ କରାଯାଉଛି। ଜିଲ୍ଲାସ୍ତରରୁ ଆରମ୍ଭ କରି ରାଜ୍ୟସ୍ତରରୁ ମଧ୍ୟ କଂପାନିକୁ ବାରମ୍ବାର ଏନେଇ ଅବଗତ କରାଯାଇଛି। ଯଦି ସ୍ଥାନୀୟ ଠିକାଦାରଙ୍କୁ ଅର୍ଥ ଦେବାରେ କଂପାନି ବିଳମ୍ବ କରୁଛିଏବଂ ଏଥିଯୋଗୁ କାମ ବିଳମ୍ବ ହେଉଛି ତେବେ ସ୍ଥାନୀୟ ଠିକାଦାରଙ୍କୁ ଡାକି ଆଲୋଚନା କରିବେ ବୋଲି କହିଛନ୍ତି।

## ପୁରୀରେ ଉଚ୍ଛେଦ ଉଠାଦୋକାନୀମାନଙ୍କୁ ଥଇଥାନ ଦାବିରେ ନବୀନ ନିବାସ ଘେରାଉ ଉଦ୍ୟମ

ଭୁବନେଶ୍ୱର, ୨୬।୫(ପି.ଏନ): ପୁରୀରେ ଉଠାଦୋକାନ ଉଚ୍ଛେଦ ପ୍ରତିବାଦରେ ଶୁକ୍ରବାର ଦିନ ତ୍ରିନାଥ କ୍ଷୁଦ୍ର ବ୍ୟବସାୟୀ ସଂଘର ସଭାପତି ଲୋକନାଥ ବେହେରାଙ୍କ ନେତୃତ୍ୱରେ ଶହ ଶହ ଉଠାଦୋକାନୀ ନବୀନ ନିବାସ ଘେରାଉ ପାଇଁ ଯାଉଥିବା ସମୟରେ ପୋଲିସ୍ ସେମାନଙ୍କୁ ବାଟରେ ଅଟକାଇଥିଲେ। ଏହାପରେ ସଂଘର ଏକ ପାଂଚ ଜଣିଆ ପ୍ରତିନିଧି ମଣ୍ଡଳୀ ପ୍ରଦିପ୍ତ ନାୟକ, ପ୍ରମୋଦ ନାୟକ, ସୁନିଲ ନାହାକ, ରବିଶଙ୍କର ସାହୁ ଏବଂ ଦିଗାମ୍ବର ଜେନା ପ୍ରମୁଖ ଯାଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ୮ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ସିଂହଦ୍ୱାରରୁ ଉଚ୍ଛେଦ ହୋଇଥିବା ଉଠାଦୋକାନୀ ମାନଙ୍କୁ ତୁରନ୍ତ ଭେଣ୍ଡିଂଜୋନ ମାଧ୍ୟମରେ ଥଇଥାନ କରିବା, ଉଚ୍ଛେଦ ସମୟରେ ଆପଣ ଦେଇଥିବା ପ୍ରତିଶ୍ରୁତି ୭୫ ମିଟର ପରେ ତୁରନ୍ତ ଥଇଥାନ ବ୍ୟବସ୍ଥା କରାଯାଉ, ସମସ୍ତ ଉଠାଦୋକାନୀ ମାନଙ୍କୁ ଦ୍ୱିତୀୟ ଥର ସର୍ଭେ କରି ପରିଚୟ ପ୍ରଦାନ କରିବା, ଥଇଥାନ ନହେଲା ପର୍ଯ୍ୟନ୍ତ ଉଠାଦୋକାନୀ ମାନଙ୍କୁ ସିଂହଦ୍ୱାର ନିକଟରେ ଦୋକାନ କରିବା ପାଇଁ ଅନୁମତି ପ୍ରଦାନ ଦେବାଆଦି ୮ ଦଫା ଦାବିକୁ ପୂରଣ କରିବା ପାଇଁ ତ୍ରିନାଥ କ୍ଷୁଦ୍ର ବ୍ୟବସାୟ ସଂଘ ପକ୍ଷରୁ ଅନୁରୋଧ କରାଯାଇଥିଲା।








# ଟି ଟାଇମ୍



## ଜୋକ୍ସ

ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟଫ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

## ପୁରାଣ କାହାଣୀ

# ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା



ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙକ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମୀୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହଁ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥେଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ବର, ୨୦୨୩, ମଇ ୨୭

# ବନ୍ଧୁକ ଆଇନ



ଗଙ୍ଗାଧର ସାମଲ

୧୮୭୧ରେ ଆମେରିକାରେ ଗଠନ ହୋଇଥିଲା ନ୍ୟାସନାଲ ରାଇଫଲ ଆସୋସିଏସନ। ଯେଉଁଥିରେ ସଦସ୍ୟମାନେ ରାଇଫଲ ପରିଚାଳନା, ରାଇଫଲ ସୁରକ୍ଷା ଏବଂ ଅଭ୍ୟାସ କରୁଥିଲେ। ତେବେ ୧୯୭୫ରେ ଏଥିରେ ଯୋଡ଼ି ହୋଇଥିଲା ଇନ୍ଷ୍ଟିଚ୍ୟୁଟ ଫର ଲେଜିସଲେଟିଭ ଆକସନ। ସେହିଭଳି ଏନଆରଏ ୧୯୬୮ରେ ତତ୍କାଳୀନ ରାଷ୍ଟ୍ରପତି ଲ୍ୟାନଡନ ବି ଜନସନଙ୍କର ଗନ କେଣ୍ଟ୍ରୋଲ ଆକ୍ଟକୁ ସମର୍ଥନ ଜଣାଇଥିଲା। ଯାହାଫଳରେ କେତକେ ସଦସ୍ୟ ଗନ ରାଇଟସ୍ ଆକ୍ଟକୁ ସମର୍ଥନ କରିବା ଆରମ୍ଭ କରିଥିଲେ। ୧୯୭୭ରେ ଏଥିରେ ବିରାମ ଲାଗିଥିଲା। ୧୭୯୧ରେ ୟୁଏସ ସମ୍ବିଧାନରେ ଦ୍ୱିତୀୟ ସଂଶୋଧନ ନିୟମ ଆସିଥିଲା। ଯାହା ଅଧିନରେ ଆମେରିକାର ନାଗରିକମାନେ ନିଜ ପାଖରେ ବନ୍ଧୁକ ରଖିବା ନେଇ ନିୟମ ଲାଗୁ ହୋଇଥିଲା।

ରଖିବାର ନିୟମ : ପୃଥିବୀର ଯେତେ ବି ଦେଶ ଅଛି ସବୁଠାରୁ ଅଧିକ ବନ୍ଧୁକ ରହିଛି ଆମେରିକାରେ। ଏଠାରେ ମୁଣ୍ଡ ଓ ବନ୍ଧୁକ ଭିତରେ ଅନୁପାତ ଅଧିକ। ଏଠାରେ ବାସ କରୁଥିବା ନାଗରିକଙ୍କ ପାଖରେ ଅତି କମରେ ଗୋଟିଏ ୨୬୫ ଏମ ଫାୟାରଆର୍ମ ରହିଥାଏ। ଏହି ସଂଖ୍ୟା ଏତେ ଅଧିକ ଯେ ବିଶ୍ବର ସବୁଠାରୁ ଅଧିକ ଲୋକ ଆମେରିକାରେ ହିଁ ରହିଛନ୍ତି ଯେଉଁମାନଙ୍କ ପାଖରେ ୨୬୫ଏମ୍ ଫାୟାରଆର୍ମ ରହିଛି। ଏହି ଆକଳନ ଅନୁପାତ ହିସାବରେ ପ୍ରତି ଜଣେ ଆମେରିକା ନାଗରିକ ପାଖରେ ଗୋଟିଏ ୨୬୫ଏମ୍ ଫାୟାରଆର୍ମ ରହିଛି। ରିପୋର୍ଟ ଅନୁଯାୟୀ ୨୨ରୁ ୩୧ ପ୍ରତିଶତ ଆମେରିକୀୟ ଯୁବବର୍ଗଙ୍କ ନିକଟରେ ବନ୍ଧୁକ ରହିଛି। ଅନ୍ୟ ଏକ ସର୍ଭେ ଅନୁସାରେ ୧୯୯୪ରେ ୬୫ ମିଲିଅନ ଲୋକଙ୍କ ପାଖରେ ହ୍ୟାଣ୍ଡଗନ ଥିବାବେଳେ ଏହି ସଂଖ୍ୟା ୨୦୧୫ରେ ବଢ଼ି ୧୧୧ ମିଲିଅନରେ ପହଞ୍ଚିଥିଲା। ଏହି ସଂଖ୍ୟା ପାଖାପାଖି ୭୧ ପ୍ରତିଶତ ବଢ଼ିଥିବା ବେଳେ ପ୍ରତିଦିନ ଏହା ବଢ଼ିବାରେ ଲାଗିଛି। ସେହିଭଳି ୧୯୯୪ରେ ପାଖାପାଖି ୪୨ ପ୍ରତିଶତ ପୁରୁଷ ବନ୍ଧୁକ ରଖୁଥିବା ବେଳେ ମାତ୍ର ୯ ପ୍ରତିଶତ ମହିଳାଙ୍କ ପାଖରେ ବନ୍ଧୁକ ରହୁଥିଲା। ହେଲେ ୨୦୧୫ରେ ପୁରୁଷଙ୍କ ପ୍ରତିଶତ କମି ୩୨ ପ୍ରତିଶତକୁ ଆସିଥିବାବେଳେ ମହିଳାଙ୍କର ବଢ଼ି ୧୨ ପ୍ରତିଶତକୁ ଯାଇଛି।

ଗୁଳିଗୋଳା ମୃତ୍ୟୁ ଅଧିକ : ଆମେରିକାରେ ବନ୍ଧୁକ ସାହାଯ୍ୟରେ ଅନେକ ହତ୍ୟା ହୋଇଥାଏ। ୨୦୨୦ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ୪୩ ପ୍ରତିଶତ ଲୋକ ବନ୍ଧୁକ ଗୁଳିରେ ମରିଛନ୍ତି। ସିଡିସିର ତଥ୍ୟ ଅନୁସାରେ ଏହି ସଂଖ୍ୟା ୧୯,୩୮୪। ଏହି ସଂଖ୍ୟା ୨୦୧୯ ତୁଳନାରେ ୪୩ ପ୍ରତିଶତ ବଢ଼ିଥିବା ଜଣାପଡ଼ିଛି। ସେହିଭଳି ପୂର୍ବ ବର୍ଷ ଅପେକ୍ଷା ଏହା ୭୫ ପ୍ରତିଶତ ବଢ଼ିଛି। ପ୍ରତିଦିନ ଆମେରିକାରେ ପାଖାପାଖି ୫୩ ଜଣ ଫାୟାର ଆର୍ମରେ ମରୁଥିବା ଆକଳନ କରାଯାଇଛି। ସେହିଭଳି ଏହି ତଥ୍ୟ ଅନୁସାରେ ପ୍ରାୟ ୭୯ ପ୍ରତିଶତ ହତ୍ୟା ବନ୍ଧୁକରେ ହିଁ ହୋଇଥାଏ।

ବଢୁଛି କିଣାବିକା : ରିପୋର୍ଟ ଅନୁସାରେ ଆମେରିକାରେ ୫୦ ବର୍ଷ ପୂର୍ବେ ୯କୋଟି ବନ୍ଧୁକ ଥିଲା। କିନ୍ତୁ ୨୦୧୯ ଜାନୁଆରୀରୁ ୨୦୨୧ ଏପ୍ରିଲ ମଧ୍ୟରେ ବନ୍ଧୁକ ରଖୁଥିବା ଯୁବ ବର୍ଗଙ୍କ ସଂଖ୍ୟା ବଢ଼ିଛି। ଏକ ରିପୋର୍ଟ ଅନୁଯାୟୀ ସେହି ସମୟରେ କେବଳ ୭୫ ଲକ୍ଷ ପ୍ରାପ୍ତ ବୟସ୍କ ବନ୍ଧୁକ ରଖିବାକୁ ଲାଇସେନ୍ସ ହାସଲ କରିଛନ୍ତି। ଆମେରିକାରେ ବନ୍ଧୁକ ରଖିବାର ବିଭିନ୍ନ ନିୟମ ରହିଛି, ଯାହା ଏହାର ବନ୍ଧୁକ କିଣା ବିକା ଉପରେ ପ୍ରଭାବ ପକାଇଥାଏ। ଆମେରିକା ରାଜନୀତିରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏହି ଆଇନ ଓ ଆକ୍ଟକୁ ନେଇ ବିଭିନ୍ନ ସମୟରେ ଚର୍ଚ୍ଚା ହୋଇଥାଏ।

ନ୍ୟାସନାଲ ଫାୟାରଆର୍ମ ଆକ୍ଟ : ୧୯୩୪ରେ ଗଠନ ହୋଇଥିବା ଆଇନ ହିସାବରେ ବିଭିନ୍ନ ଭାରୀ ବନ୍ଧୁକର ନିର୍ମାଣ, ଆମଦାନୀ, ରପ୍ତାନି ଉପରେ କର ନିର୍ଦ୍ଧାରିତ ହୋଇଥିଲା।

ଫେଡେରାଲ ଫାୟାରଆର୍ମ ଆକ୍ଟ : ୧୯୩୮ରେ ଲାଗୁ ହୋଇଥିବା ଏହି ନିୟମ ଅଧିନରେ ସମସ୍ତ ବନ୍ଧୁକ ନିର୍ମାଣ, ରପ୍ତାନି ଏବଂ ବ୍ୟବସାୟ କରିବା ପାଇଁ ଲାଇସେନ୍ସ ବାଧ୍ୟତାମୂଳକ ହୋଇଥିଲା।

ଓମନିବସ୍ କ୍ରାଇମ କଣ୍ଟ୍ରୋଲ ଆଣ୍ଡ ସେଫ୍ଷ୍ଟିଟ ଆକ୍ଟ : ୧୯୬୮ରେ ଲାଗୁ ହୋଇଥିବା ଏହି ନିୟମରେ ୨୧ ବର୍ଷ ପୂର୍ବରୁ କେହି ହ୍ୟାଣ୍ଡଗନ ବା ହାତ ବନ୍ଧୁକ କିଣି ପାରିବେ ନାହିଁ।

ଗନ କଣ୍ଟ୍ରୋଲ ଆକ୍ଟ : ଏହି ନିୟମ ମଧ୍ୟ ୧୯୬୮ରେ ଲାଗୁ ହୋଇଥିଲା। ଏହି ଆକ୍ଟରେ ମୁଖ୍ୟ ଭାବେ ଲାଇସେନ୍ସ ଥିବା ନିର୍ମାତା, ଡିଲର ଓ ଆମଦାନିକାରୀଙ୍କୁ ଛାଡ଼ି ଅନ୍ତରାଜ୍ୟ ହସ୍ତାନ୍ତରଣ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା।

ଫାୟାରଆର୍ମ ଓ୍ୱନରସ ପ୍ରୋଟେକସନ ଆକ୍ଟ : ୧୯୮୬ରେ ଲାଗୁ ହୋଇଥିବା ଏହି ଆକ୍ଟ ପୂର୍ବ ଗନ କଣ୍ଟ୍ରୋଲ ଆକ୍ଟକୁ ପରିବର୍ତ୍ତନ କରିଥିଲା। ଏହି ନିୟମ ଅନୁସାରେ ସାଧାରଣ ଲୋକଙ୍କର ଅଟୋମେଟିକ ଫାୟାରଆର୍ମ କିଣା ଉପରେ ପ୍ରତିବନ୍ଧକ ଲାଗିଥିଲା। ସେହିପରି ଅଟୋମେଟିକ ଫାୟାରଆର୍ମ ରପ୍ତାନି ପାଇଁ ଏଟିଏଫ ଅନୁମତି ଦରକାର ହୋଇଥାଏ।

ଗନ ଫ୍ରି ସ୍କୁଲ ଜୋନ ଆକ୍ଟ : ୧୯୯୦ରେ ପାରିତ ହୋଇଥିବା ଏହି ଆକ୍ଟ ଅନୁସାରେ କୌଣସି ବି ବ୍ୟକ୍ତି ସ୍କୁଲ ଥିବା ଅଞ୍ଚଳରେ ବନ୍ଧୁକ ରଖି ପାରିବେ ନାହିଁ।

ମାଣିକପାଟଣା, ଆଳି, କେନ୍ଦ୍ରାପଡ଼ା,
ଦୂରଭାଷ : ୯୪୩୭୨୨୬୬୪୭

# ସତ୍‌ସଙ୍ଗର ଆହ୍ବାନ : ସତ୍‌ସଙ୍ଗୀ ସାବଧାନ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସତ୍‌ସଙ୍ଗର ପ୍ରାଣପୁରୁଷ ଭଗବାନ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମୁକ୍ତ କଣ୍ଠରେ ଉଦ୍‌ଘୋଷଣା କଲେ – ସତ୍‌ରେ ସଂଯୁକ୍ତିର ସହିତ ତଦ୍‌ଗତି ସମ୍ପନ୍ନ ଯେଉଁମାନେ ସେହିମାନେ ହିଁ ହେଲେ ସତ୍‌ସଙ୍ଗୀ ଓ ସେମାନଙ୍କର ମିଳନ କ୍ଷେତ୍ର ହେଲା ସତ୍‌ସଙ୍ଗ। ସତ୍‌ସଙ୍ଗର ଗତି ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ପ୍ରେମାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବ୍ୟକ୍ତ କଲେ – ସତ୍‌ସଙ୍ଗ ଚାହେଁ ମଣିଷ, ଈଶ୍ୱର କୁହ, ଖୋଦା ହିଁ କୁହ, ଭଗବାନ ବା ଅସ୍ତିତ୍ୱ ହିଁ କୁହ, ଭୂତ ମହେଶ୍ୱର ଯିଏ ଏକ – ତାଙ୍କରି ନାମରେ, ସେ ବୁଝେନା ହିନ୍ଦୁ, ସେ ବୁଝେନା ଖ୍ରୀଷ୍ଟିୟାନ, ସେ ବୁଝେନା ମୁସଲମାନ, ସେ ବୁଝେନା ବୌଦ୍ଧ, ସେ ବୁଝେ ପ୍ରତି ପ୍ରତ୍ୟେକ ତାଙ୍କରି ସନ୍ତାନ, ସେ ଆନତ କରି ତୋଳିବାକୁ ଚାହେଁ ସମସ୍ତଙ୍କୁ ସେହି ଏକଙ୍କ ଠାରେ, ସେ ପାକିସ୍ତାନ ବୁଝେନା, ସେ ହିନ୍ଦୁସ୍ତାନ ବୁଝେନା, ଋଷିଆ ବୁଝେନା, ଚାଇନା ବୁଝେନା, ଇଉରୋପ ବା ଆମେରିକା ବୁଝେନା, ସେ ଚାହେଁ ମଣିଷ – ସେ ଚାହେଁ ପ୍ରତ୍ୟେକଟି ଲୋକ – ସେ ହିନ୍ଦୁ ହିଁ ହେଉ, ମୁସଲମାନ ବି ହେଉ, ଖ୍ରୀଷ୍ଟିୟାନ ବି ହେଉ, ବୌଦ୍ଧ ବି ହେଉ ବା ଯେ କେହି ହେଉନା କାହିଁକି ଯେପରି ସମବେତ ହୁଅନ୍ତି ତାଙ୍କରି ନାମରେ , ପଞ୍ଚବର୍ହିର ଉଦ୍ଦାମ ଆହ୍ବାନରେ।

ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଅଭୂତପୂର୍ବ ଐଶୀ ଶକ୍ତିର ପରିପ୍ରକାଶରେ ଭକ୍ତଜନ ବିମୋହିତ ପ୍ରେମାଶ୍ରୁ ବିସର୍ଜନ ପୂର୍ବକ ପ୍ରାର୍ଥନାରେ ଦୟାଲ ଦେଶରୁ ଲିପିବଦ୍ଧ ହେଲା ଅମୃତ ନିଷ୍ୟନ୍ଦୀ ସ୍ୱତଃ ଉତ୍ସାରିତ ବାଣୀ – ପୃଥିବୀ ପୃଷ୍ଠରେ ମନ୍ଦାକିନୀର ପୁଣ୍ୟଧାରା। ବଜ୍ର ଗମ୍ଭୀର କଣ୍ଠରେ ସ୍ୱହସ୍ତ ଲିଖିତ ସତ୍ୟାନୁସରଣରେ ଉଦ୍‌ଘୋଷିତ ହେଲା – ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ – ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି – ଫାଙ୍କି ଦେଲେ ତାହା ହିଁ ପାଇବ। ପୁଣି ସେହି ସାବଧାନ ବାଣୀ – ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ – କାଞ୍ଚନ ପ୍ରତି ଆସକ୍ତିରୁ ଆସେ, ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା’ ହୋଇପଡ଼ନ୍ତି, ବିଷ ଅମୃତ ହୋଇଗଲା। ଆଉ ମା’ କେବଳ ମା’ – କାମିନୀ ନୁହେଁ। ମା’ଶେଷରେ ଗୀ ଦେଇ ଭାବିଲେ ହିଁ ସର୍ବନାଶ। ସାବଧାନ ! ମା’କୁ ମାଗୀ ଭାବି ମରନାହିଁ। ନିଜେ ଠିକ୍ ରହି ସମସ୍ତଙ୍କୁ ସତ୍ ଭାବରେ ଖୁସି କରିବାକୁ ଚେଷ୍ଟା କର, ଦେଖିବ ସମସ୍ତେ ତୁମକୁ ଖୁସି କରିବାକୁ ଚେଷ୍ଟା କରୁଛନ୍ତି। ସାବଧାନ ! ନିଜତ୍ୱ ହରାଇ କାହାରିକୁ ଖୁସି କରିବାକୁ ଯାଅନାହିଁ, ତା’ହେଲେ ତୁମ ଦୁର୍ଗତିର ସୀମା ରହିବନାହିଁ। ଯେତେପାର ସେବା କର, କିନ୍ତୁ ସାବଧାନ ! ସେବା ନେବାକୁ ଯେପରି ଇଚ୍ଛା ନହୁଏ। ସ୍ପଷ୍ଟବାଦୀ ହୁଅ, କିନ୍ତୁ ମିଷ୍ଟଭାଷୀ ହୁଅ, କହିବା ଆଗରୁ ବିବେଚନା କର, କିନ୍ତୁ କହି ବିମୁଖ ହୁଅନାହିଁ। ଯଦି ଭୁଲ କହିଥାଅ, ସାବଧାନ ! ଭୁଲ କରନାହିଁ। ପୁଣି ସେହି ସତର୍କ ବାଣୀ – ଖବରଦାର୍, କାହାକୁ ହୁକୁମ କରି କିମ୍ବା ଚାକର-ବାକର ଦ୍ୱାରା ଗୁରୁଙ୍କ ସେବା ଶୁଶ୍ରୁଷା କରାଇବାକୁ ଯାଅନାହିଁ – ପ୍ରସାଦରୁ ବଞ୍ଚିତ ହୁଅନାହିଁ। ଯାହାଙ୍କୁ ତୁମେ ଚାଳକ ରୂପେ ମନୋନୀତ କରିନେଇଛ, ତାଙ୍କ ପାଖରେ ତୁମ ହୃଦୟର କୌଣସି କଥା ଗୋପନ ରଖନାହିଁ। ଆଉ ଗୋପନ କରିବାକୁ ଇଚ୍ଛା ହେଲେ ହିଁ ଜାଣିରଖ, ତୁମ ହୃଦୟରେ ଦୁର୍ବଳତା ଆସିଛି ଏବଂ ଅବିଶ୍ୱାସ ତୁମକୁ ଆକ୍ରାନ୍ତ କରିଛି, ସାବଧାନ ହୁଅ, ନଚେତ ଅନେକ ଦୂରକୁ ଗଡ଼ିଯିବ। ଯଦି ପାପ କରିଥାଅ ତେବେ କାତର କଣ୍ଠରେ ତାହା ପ୍ରକାଶ କର, ଶୀଘ୍ର ହିଁ ସାନ୍ତ୍ୱନା ପାଇବ। ସାବଧାନ ! ସଂକୀର୍ଣ୍ଣତା ବା ପାପକୁ ଗୋପନ ରଖନାହିଁ, ଉତ୍ତରୋତ୍ତର ବର୍ଦ୍ଧିତ ହୋଇ ଅତି ସତ୍ୱର ତୁମକୁ ଅଧଃପତନର ଚରମକୁ ନେଇଯିବ। ଅନ୍ତରରେ ଯାହା ଗୋପନ କରିବ ତାହା ହିଁ ବୃଦ୍ଧି ପାଇବ। ଯେଉଁ ଭାବ ବିରୁଦ୍ଧ ଭାବ ଦ୍ୱାରା ଆହତ ବା ଅଭିଭୂତ ହୁଏନା ତାହା ହିଁ ବିଶ୍ୱାସ। ଗଭୀର ବିଶ୍ୱାସରେ ସବୁକିଛି ହୋଇପାରେ। ବିଶ୍ୱାସ କର, ସାବଧାନ ! ଅହଂକାର, ଅଧୈର୍ଯ୍ୟ ଓ ବିରକ୍ତି ଯେପରି ନଆସେ – ଯାହା ଚାହଁ ତାହା ହିଁ ହେବ। ବିଶ୍ୱାସ କ୍ଷେତ୍ର ଅତ୍ୟନ୍ତ ଉର୍ବର। ସାବଧାନ ! ଅବିଶ୍ୱାସ ରୂପକ ଅନାବନା ଗଛରେ ସନ୍ଦେହ ରୂପକ ଅଙ୍କୁର ଉଠିବା ଦେଖିଲେ ହିଁ ତତ୍‌କ୍ଷଣାତ ତାହା ଉତ୍ପାଟନ କର, ନତୁବା ଭକ୍ତି ରୂପକ ଅମୃତ ବୃକ୍ଷ ଗଜେଇ ପାରିବନାହିଁ। କ୍ଲୀବତ୍ୱ, ଦୁର୍ବଳତା ଅନେକ ସମୟରେ ଭକ୍ତିର ଖୋଳପା ପିନ୍ଧି ଛିଡ଼ା ହୁଏ, ତାହାଠାରୁ ସାବଧାନ ହୁଅ। ପ୍ରିୟତମଙ୍କ ପାଇଁ କିଛି କରିବାକୁ ଇଚ୍ଛା ହୁଏନାହିଁ – ଅଥଚ ଖୁବ୍ ଭଲ ପାଏ – ଏକଥା ବି ଯାହା, ଆଉ ସୁନାର ପିତଳ ଘୁଘୁ କହିବା ମଧ୍ୟ ତାହା। ସ୍ୱାର୍ଥବୁଦ୍ଧି ହିଁ ପ୍ରାୟ ଉକ୍ତ ପ୍ରକାର ଭଲପାଏ, ତେଣୁ ସେହି ପ୍ରକାର ନିଷ୍କାମ – ଧର୍ମାକ୍ରାନ୍ତ ଭଲପାଇବା ଦେଖି ସାବଧାନ ହେବା ଭଲ, ନତୁବା ବିପଦର ସମ୍ଭାବନା ହିଁ ଅଧିକ।

ଦ୍ୱାପର ଯୁଗରେ ଯୁଗାବତାର ଭଗବାନ ଶ୍ରୀକୃଷ୍ଣ ଭକ୍ତ କୁଳ ତିଳକ ଅର୍ଜ୍ଜୁନଙ୍କୁ କହିଥିଲେ – ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ। ଠିକ୍ ସେହିପରି କଳିଯୁଗରେ କଲ୍‌କୀ ଅବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସତ୍‌ସଙ୍ଗୀ ଜନସମାଜଙ୍କୁ ସାବଧାନ ବାଣୀ ଶୁଣାଇ କହିଲେ – ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର – ମୁଁ ନିଶ୍ଚୟ କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ। ଯଦି ତୁମର ଆଦର୍ଶର କଥା କହିଲେ ଆନନ୍ଦ, ଶୁଣିଲେ ଆନନ୍ଦ, ତାଙ୍କର ଚିନ୍ତାରେ ଆନନ୍ଦ, ତାଙ୍କ ହୁକୁମ ପାଇଲେ ଆନନ୍ଦ, ତାଙ୍କ ଆଦରରେ ଆନନ୍ଦ, ଅନାଦରରେ ମଧ୍ୟ ଆନନ୍ଦ ହୁଏ, ତାଙ୍କ ନାମରେ ହୃଦୟ ଉଚ୍ଛୁଳି ଉଠେ – ମୁଁ ନିଶ୍ଚୟ କହୁଛି ତୁମର ଉନ୍ନୟନ ପାଇଁ ଆଉ ଭାବିବାକୁ ହେବନାହିଁ।

*ସହପ୍ରତିରତ୍ୱିକ ଓ ପ୍ରଫେସର,*
*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର*
*ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ଗଞ୍ଜେଇ, ଭାଙ୍ଗ ଔଷଧ ନା ନିଶା ?



ଡାକ୍ତର ସମ୍ରାଟ କର

ଆମଘର ଆଗ ପଦିଆ ସେ ଦିନ ମୋ ପାଇଁ ଶ୍ରଦ୍ଧାରେ ଚା’କପଟି ଧରି ଆସିଥିଲା। ଭାରି ଆବେଗର ସହିତ କହିଲା ‘ସାର୍ ଏଥରକ ମୋ ବେପାର ବୁଡ଼ିବାକୁ ଯାଉଛି। ତାଆଡୁ ସଫେଇ ଦେଇ କହିଲା ଜାଣିଛନା ଭାଙ୍ଗ ଆଉ ଗଞ୍ଜେଇ ଉପରେ ନିଷେଧାଦେଶ ଜାରି ହେବାକୁ ଯାଉଛି। ଶୀତୁଆ ସକାଳୁ ଦୋକାନୀ ପଦିଆ କଥାଶୁଣି ମୋତେ ଯେତିକି ଆଶ୍ଚର୍ଯ୍ୟ ଲାଗିଲା ସେତିକି ବଡ଼ ନୈରାଶ୍ୟଭାବ ବି ସୃଷ୍ଟି ହେଲା ଯେ ଲୋକମାନଙ୍କର ମାନସିକତା କେଉଁପରି ଭାବରେ ବଦଳି ଯାଉଛି।

ଦୁଇବର୍ଷ ତଳେ ଜାତିସଂଘର ୬୩ତମ ଅନ୍ତର୍ଜାତୀୟ ନାର୍କୋଟିକ୍ ଡ୍ରଗ୍ସ କମିସନର ବୈଠକରେ ଗଞ୍ଜେଇ ଓ ଚରସକୁ ଜାତିସଂଘର ସବୁଠାରୁ ବିପଦପୂର୍ଣ୍ଣ ଡ୍ରଗ୍ସ ତାଲିକାରୁ ହଟାଇବା ପାଇଁ ୫୩ଟି ସଦସ୍ୟ ଦେଶମାନଙ୍କ ଠାରୁ ଭୋଟ ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ଭାରତ, ଆମେରିକା ଓ ଅଧିକାଂଶ ୟୁରୋପୀୟ ଦେଶମାନଙ୍କ ସମେତ ୨୭ଟି ଦେଶ ଏହାକୁ ସମର୍ଥନ କରିଥିବାବେଳେ ଚୀନ, ପାକିସ୍ତାନ ଓ ରୁଷିଆ ସମେତ ଏହା ବିରୁଦ୍ଧରେ ଭୋଟ ଦେଇଥିଲେ। କହିବା ବାହୁଲ୍ୟ ଏହା ସହିତ ଗଞ୍ଜେଇକୁ ଏକ ଔଷଧୀୟ ସାମଗ୍ରୀ ରୂପେ ବ୍ୟବହାର କରିବା ପାଇଁ କହିବାକୁଗଲେ ଦ୍ୱାର ଖୋଲି ଯାଇଛି। ଗଲା ୫୯ ବର୍ଷ ଧରି ଗଞ୍ଜେଇ ସିଏନଡିର ସିଡ୍ୟୁଲ-୪ ଅନ୍ତର୍ଗତ ସର୍ବାଧିକ ମାରାତ୍ମକ ତଥା ଅତ୍ୟନ୍ତ ନିଶାଯୁକ୍ତ ଦ୍ରବ୍ୟ ତାଲିକାରେ ରହି ଆସିଥିଲା। ଯେଉଁ କାରଣରୁ ଏହାର ବିକ୍ରି ଓ ସେବନ ଉପରେ କଡ଼ା କଟକଣା ରହିଆସିଛି। ହଜାର ହଜାର ବର୍ଷ ହେଲା ସେହିପରି ଅନ୍ୟଏକ ମାଦକ ଦ୍ରବ୍ୟ ଭାଙ୍ଗର ବ୍ୟବହାର ହେଉଛି। ଏହାକୁ ଧାର୍ମିକ କର୍ମକାଣ୍ଡରେ ମଧ୍ୟ ବ୍ୟବହାର କରାଯାଇଥାଏ। ତେବେ ଭାଙ୍ଗ ଓ ଗଞ୍ଜେଇକୁ ମାନ୍ୟତା ପରେ ଏହି ଔଷଧର ଚାହିଦା ବଢୁଥିବା ରାଷ୍ଟ୍ର ଗୁଡ଼ିକ ଅଧିକ ଉପକୃତ ହେବେ ଏହା ସହିତ ଭାଙ୍ଗକୁ ଔଷଧ ଭାବେ ବ୍ୟବହାର କରିବାକୁ ଗବେଷଣା ମଧ୍ୟ ବୃଦ୍ଧି ପାଇବ। ଖ୍ରୀଷ୍ଟପୂର୍ବ ୧୫୦୦ ଶତାବ୍ଦୀରେ ଚୀନରେ ଓ ଇଜିପ୍ଟରେ ତଥା ପ୍ରାଚୀନ ୟୁନାନ୍‌ରେ ଭାଙ୍ଗକୁ ଔଷଧ ଭାବେ ଗ୍ରହଣ କରାଯାଉଥିଲା। ଜାନୁଆରୀରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସିଏନଡିର ସିଡ୍ୟୁଲ-୪କୁ ଗଞ୍ଜେଇକୁ ବାଦ ଦେବା ନିମନ୍ତେ ଜାତିସଂଘକୁ ଛଅଟି ପ୍ରସ୍ତାବ ଦେଇଥିଲା। ତେବେ ଗଞ୍ଜେଇ ଜାତିସଂଘର ସିଡ୍ୟୁଲ-୪ ତାଲିକାରୁ ବାହାରି ଅପେକ୍ଷାକୃତ କମ୍ ମାରାତ୍ମକ ତଥା ଔଷଧୀୟ ଗୁଣସମ୍ପନ୍ନ ଦ୍ରବ୍ୟ ତାଲିକାରେ ସ୍ଥାନ ପାଇଛି। ଜାତିସଂଘର ଏହି ନିଷ୍ପତ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ହେଁ ତତ୍‌କ୍ଷଣାତ୍ ଏହାର କୌଣସି ପ୍ରଭାବ ପଡ଼ି ନପାରେ। ତେବେ ଗଞ୍ଜେଇ ନେଇ ରହିଥିବା ଆଇନ ସଂଶୋଧନ ବା ପ୍ରଣୟନ ବେଳେ ଜାତିସଂଘର ଏହି ନିଷ୍ପତ୍ତି ପ୍ରଭାବ ପକାଇବ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତଥ୍ୟ ଅନୁଯାୟୀ ବିଶ୍ୱରେ ସର୍ବାଧିକ ଚାଷ, ଚାଲାଣ ଓ ବେଆଇନ ବ୍ୟବହାର ହେଉଥିବା ଗଞ୍ଜେଇ। ଭାରତରେ ଏହା ନାର୍କୋଟିକ୍ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରୋପିକ୍ ସବ୍‌ଷ୍ଟାନ୍‌ସେସ୍ ଆକ୍ଟ ୧୯୮୫ ଅନୁଯାୟୀ ବେଆଇନ ଦ୍ରବ୍ୟ ଅନ୍ତର୍ଭୁକ୍ତ ହୋଇ ରହିଛି। ଉଲ୍ଲେଖଯୋଗ୍ୟ ଚାରି ହଜାର ବର୍ଷ ପୂର୍ବରୁ ଭାରତରେ ଗଞ୍ଜେଇକୁ ବ୍ୟବହାର କରାଯାଇ ଆସୁଥିଲା। ୧୯୬୧ ମସିହାରେ ଆମେରିକା ଚାପରେ ଆସି ଭାରତରେ ଏହାକୁ ବେଆଇନ କରିଦିଆଗଲା। ୧୯୮୫ରେ ଏନଡିପିଏସ୍ ଆକ୍ଟ ବଳରେ ଏହାକୁ କଡ଼ାକଡ଼ି କରାଯାଇଥିଲା। କାନାଡ଼ା ଓ ଆମେରିକାର ୧୫ଟି ରାଜ୍ୟ ସମେତ ୫୦ରୁ ଅଧିକ ଦେଶରେ ଗଞ୍ଜେଇର ଔଷଧୀୟ ବ୍ୟବହାର ପାଇଁ ମଞ୍ଜୁରୀ ମିଳିସାରିଛି। ଭାରତ ଏହି କାରବାରରେ ଖୁବ୍ ପଛରେ ପଡ଼ିଛି। ଆଶା, ଏବେ ଗଞ୍ଜେଇ ଔଷଧୀୟ ବ୍ୟବହାର ଲାଗି ଅନୁମତି ପାଇଁ ଦେଶ ଲାଗି ବୈଦେଶିକ ମୁଦ୍ରା ଅର୍ଜନରେ ସହାୟକ ହୋଇପାରେ।

କେବଳ ଓଡ଼ିଆ ଆଧ୍ୟାତ୍ମିକ ଭାବନା ନୁହେଁ ସର୍ବଭାରତୀୟ ସ୍ତରରେ ଅନେକ ଦେବାଳୟ ବିଶେଷ କରି ଶୈବପୀଠରେ ଗଞ୍ଜେଇର ବ୍ୟବହାର ରହିଛି। କହିବାକୁଗଲେ ଗଞ୍ଜେଇ ଦୈନନ୍ଦିନ ଶିବଙ୍କ ପୂଜା ନିର୍ଘଣ୍ଟରେ ଏକ ସ୍ୱତନ୍ତ୍ର ସ୍ଥାନ। ଆଖଣ୍ଡଳମଣିଙ୍କ ପୀଠ ହେଉ ବା କପିଳାସ ଶିବଲିଙ୍ଗରେ ଗଞ୍ଜେଇ ଘର୍ଷଣ ହୋଇଥାଏ। ବିଶ୍ୱବ୍ୟାପୀ ଗଞ୍ଜେଇର ସକରାତ୍ମକ ଦିଗକୁ ବୈଜ୍ଞାନିକମାନେ ଗବେଷଣା କରି ଏହାକୁ ଏକ ପ୍ରକାର ଚିକିତ୍ସା ନିଦାନ ବ୍ୟବସ୍ଥା ଭିତରେ ଅନ୍ତର୍ଭୁକ୍ତ କଲେଣି। ଡ୍ରଗ୍ସ, ପାଉଡର, ନିଶା ଇଞ୍ଜେକ୍ସନ, ନିଶା ବଟିକା ଓ ମଦ ଠାରୁ ଗଞ୍ଜେଇ ବା ଭାଙ୍ଗ ଏକ ପ୍ରକାର ସୁରକ୍ଷିତ।

ପ୍ରକୃତି ପ୍ରଦତ୍ତ ଗଞ୍ଜେଇ ହିମାଳୟର ବିଭିନ୍ନ ଚେରମୂଳି ଭିତରୁ ଆୟୁର୍ବେଦ ଶାସ୍ତ୍ରକୁ ପ୍ରବେଶ ହୋଇଥିଲା। ଗଞ୍ଜେଇ ଉପରେ ରୋକ ଲଗାଇବା ପୂର୍ବରୁ ସରକାରୀ ବ୍ୟବସ୍ଥାରେ ଉପରୋକ୍ତ ଭୟାନକ ନିଶା ଉପରେ ସରକାର ପ୍ରଥମେ କଟକଣା ଜାରି କରନ୍ତୁ। ବିହାର ପରି ପରି ବିଭିନ୍ନ ରାଜ୍ୟ ରହିଛି ଯେଉଁଠାରେ ମଦକୁ ବ୍ୟାନ କରାଯାଇଛି। ଅନ୍ୟ ନିଶାଦ୍ରବ୍ୟ ପରି ଗଞ୍ଜେଇ ବା ଭାଙ୍ଗର ପାର୍ଶ୍ୱପ୍ରତିକ୍ରିୟା ବହୁତ କମ। ଗଞ୍ଜେଇ ବା ଭାଙ୍ଗ ଏକ ଯୌନ ଉଦୀପକ ଆର୍ଯ୍ୟୁବେଦିୟ ଔଷଧ ଭାବରେ କେହି କେହି ବ୍ୟବହାର କରନ୍ତି। ଆମେ ଏହି ଲେଖା ମାଧ୍ୟମରେ ଭାଙ୍ଗ ବା ଗଞ୍ଜେଇର ପ୍ରଚାର କରୁନାହୁଁ। କିନ୍ତୁ ଏହି ଭାବ ପ୍ରବଣତା ନିଷ୍ପତ୍ତି କିଛି ଅପ୍ରିତୀକର ପରିସ୍ଥିତି ବି ସୃଷ୍ଟି କରିପାରେ। ଏକ ଜନମଙ୍ଗଳ ରାଷ୍ଟ୍ରରେ ଲୋକମାନଙ୍କୁ ସ୍ୱାସ୍ଥ୍ୟଭିତ୍ତିକ ସବୁ ପ୍ରକାର ସାମର୍ଥ୍ୟ ଯୋଗାଇବା ସରକାରଙ୍କ ପ୍ରଧାନ କର୍ତ୍ତବ୍ୟ। ଭାଙ୍ଗ ଓ ଗଞ୍ଜେଇ ଏକ ପ୍ରାଚୀନତମ ନିଶା ସାମଗ୍ରୀ। ଏଲୋପ୍ୟାଥିକ କୁହନ୍ତୁ ବା ଆୟୁର୍ବେଦିକ ସବୁ ମହଲରେ ଏହା ଏକ ନିଶା ସାମଗ୍ରୀ ଭାବେ ଜଣା। କିନ୍ତୁ ତରବରିଆ ଭାବେ ଏପରି ନିଷ୍ପତ୍ତି ସମାଜରେ ପରବର୍ତ୍ତୀ ସମୟରେ ଅନେକ ଯୁବବର୍ଗଙ୍କୁ ପଥଭ୍ରଷ୍ଟ କରିବା ଅମୂଳକ ନହୋଇପାରେ। ସମାଜରେ ଦିନକୁ ଦିନ ନିଶା ସେବନ ଯେଉଁପରି ଭାବେ ଏକ ଉତ୍କଟ ବ୍ୟାଧିର ମାନ୍ୟତା ପାଇଛି ଏବଂ ସମଗ୍ର ସମାଜ ଏ ନେଇ ଚିନ୍ତାଶୀଳ ସେ ସମୟରେ ଏପରି ଉଦ୍‌ଭଟ ଆଇନ ଅନେକଙ୍କୁ କଳା ବଜାରୀ ହେଉ ବା ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବ। ଜଣେ ମାନସିକ ରୋଗ ବିଶେଷଜ୍ଞ ହିସାବରେ କହିବାକୁ ଗଲେ ଭାଙ୍ଗ ଓ ଗଞ୍ଜେଇର ବ୍ୟବହାର ଜଣକୁ ଉନ୍ମାଦ, ପ୍ରତିକ୍ରିୟା, ପ୍ରତିହିଂସା ଏବଂ କେତେକ କ୍ଷେତ୍ରରେ ଏକ ଭିନ୍ନ ମୁଡ୍‌ର ମାହୋଲ ସୃଷ୍ଟି କରେ। କିନ୍ତୁ ଏହା ଶରୀରର ବିକଶିତ ଓ ପୁଷ୍ଟିକର କ୍ଷେତ୍ରକୁ ବାଧାପ୍ରାପ୍ତ କରିବା ସହ ଜଣଙ୍କ ମାନସିକ କ୍ଷେତ୍ରକୁ ଗୁରୁତର ଭାବେ ପ୍ରଭାବିତ କରେ। ଏହାର ଦୀର୍ଘକାଳୀନ ବ୍ୟବହାର ମଧ୍ୟ ଅନେକ କ୍ଷେତ୍ରରେ ଜଣ ଜଣଙ୍କୁ ପାଗଳ କରିବା ସହ ସର୍ବଶ୍ୱାନ୍ତ କରିଦିଏ। ଅନେକ ହସଖୁସିର ସଂସାର ଉଜୁଡ଼ିଯାଏ, ଦାନାପାଣିର କର୍ମବୃତ୍ତିର କ୍ଷେତ୍ର ହାତ ପାହାନ୍ତାରୁ ଚାଲିଯାଏ। ତେଣୁ ଏ ସବୁ ଦିଗକୁ ଚିନ୍ତା କରି ନିଷ୍ପତ୍ତି ନେବାର ଦାୟିତ୍ୱ କେବଳ ସରକାରଙ୍କର ନୁହେଁ ପ୍ରତିଟି ନାଗରିକଙ୍କର।

*ମାନସିକ ରୋଗ ବିଶେଷଜ୍ଞ, ଦି’ବ୍ରେନ୍,*
*ପୁରୀଘାଟ ରୋଡ଼, କଟକ,*
*ଦୂରଭାଷ : ୯୧୩୨୪୩୩୩୩୩*

# ପିଲାଙ୍କର ଗୁଳୁଗୁଳିରେ ଡାଇରିଆ



ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ସବୁ ଠିକ୍ ଚାଲିଥିବ, କିନ୍ତୁ ପିଲା ମାନଙ୍କ ପେଟ ସାମାନ୍ୟ ଗୋଳମାଳ ହୋଇଗଲେ ଆଉ କିଛି ଭଲ ଲାଗିବନି। ଟାଣ ଖରା ସାଙ୍ଗକୁ ପ୍ରବଳ ଗୁଳୁଗୁଳିରେ ପେଟ ଗୋଳମାଳ ହେବା କିଛି ନୂଆ କଥା ନୁହେଁ। ସମସ୍ୟା ଏହି ସମୟରେ ଡାଇରିଆ ଆଡ଼କୁ ମଧ୍ୟ ଚାଲିଯାଏ। ଯେ କୌଣସି ସମୟରେ ଯିଏ ବି ଏହାର ଶିକାର ହେବାର ଆଶଙ୍କା ରହିଥାଏ। ଖରାରେ ଖାଦ୍ୟ ସଂକ୍ରମଣ ଏବଂ ଅନ୍ୟ ଖାଦ୍ୟଜନିତ ସମସ୍ୟାରୁ ଏପରି ହୋଇପାରେ। ଏଥିରେ ଦିନକୁ ତିନିରୁ ଚାରିଥର ପତଳା ଝାଡ଼ା ହୋଇ କିଛି ଦିନ ଲାଗି ରହିଲେ ଶରୀରରୁ ଜଳୀୟ ଅଂଶ କମିଯାଏ। ଏହାଦ୍ୱାରା ଅବସ୍ଥା ଡିହାଇଡ୍ରେସନରେ ପହଞ୍ଚେ। ଓଜନ କମିଯାଏ। ତଳିପେଟରେ ଯନ୍ତ୍ରଣା, ପେଟ ଫୁଲିବା ଓ ମୁଣ୍ଡ ବୁଲାଇବା ଭଳି ଲକ୍ଷଣ ପ୍ରକାଶ ପାଏ। ସପ୍ତାହେ ଯାଏ ରହିଲେ ଅବସ୍ଥା ସାଂଘାତିକ ହୋଇଯାଏ। ସଂପ୍ରତି ଟାଣ ଖରା ଓ ଅଚାନକ କାଳବୈଶାଖୀ ପିଲା ମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ଅଧିକ ବିଗିଡ଼େଇବାର ସମ୍ଭାବନା ଥାଏ। ପିଲା ମାନଙ୍କ ଡାଇରିଆ ପଛରେ ବିଭିନ୍ନ ପ୍ରକାର କାରଣ ରହିଛି। ସେଥିମଧ୍ୟରେ ରହୁଛି ଭାଇରାଲ କିମ୍ବା ବ୍ୟାକ୍ଟେରିଆଲ ସଂକ୍ରମଣ, ଫୁଡ଼ ଇନଟଲେରାନ୍ସ, ଦୂଷିତ ଖାଦ୍ୟ ଓ ପେନିସିଲିନ ଭଳି କିଛି ଔଷଧ, ଇଣ୍ଟେଷ୍ଟିନାଲ ବା ଅନ୍ତ୍ରଜନିତ ରୋଗ, ଇନଫ୍ଲାମେଟୋରୀ ବାଓ୍ୱେଲ ଡିଜିଜ କିମ୍ବା ସେଲିଆକ ଡିଜିଜ। ଷ୍ଟୋମାକ ସର୍ଜରୀ ବା ଗଲ ବ୍ଲାଡ଼ର ବାହାର କରିଦିଆଯିବା ପରେ ଡାଇରିଆରେ କିଛି ବ୍ୟକ୍ତି ପୀଡ଼ିତ ହୁଅନ୍ତି। ଗ୍ୟାସ ସୃଷ୍ଟି କରୁଥିବା ଖାଦ୍ୟ ବ୍ରୋକୋଲି, ଲଙ୍କା, ବିନ, ବେରିଜ, ଚିକେନ, ଶାଗ, କଫି, ଆଲକୋହଲ, କାର୍ବୋନେଟେଡ ଡ୍ରିଙ୍କସ୍ ସହ ରାସ୍ତାକଡ଼ରେ ବିକ୍ରି ହେଉଥିବା ମାଂସ କିମ୍ବା ମାଛ ଖାଇଲେ ଡାଇରିଆ ହେବାର ଆଶଙ୍କା ବେଶୀ।

ପ୍ରୋବାୟୋଟିକ୍ସ : ପ୍ରୋବାୟୋଟିକ୍ସରେ ଉପକାରୀ ବ୍ୟାକ୍ଟେରିଆ ରହିଛି। ଲହୁଣୀରେ ଥିବା ଲାକ୍ଟୋବାସିଲସ ଏସିଡୋଫିଲସ ଏବଂ ବିଫିଡୋବ୍ୟାକ୍ଟେରିୟମ ଡାଇରିଆ ଉପଶମ କରିବାରେ ସାହାଯ୍ୟ କରେ।

କଦଳୀ : ଡାଇରିଆ ହୋଇଥିଲେ ସୋଡିୟମ ଓ ପଟାସିୟମ ହଜମ କ୍ରିୟା ସ୍ୱାଭାବିକ କରିବାରେ ପ୍ରମୁଖ ଭୂମିକା ନିଭାଏ। ଏଣୁ କଦଳୀ ଖାଇବା ସବୁଠୁ ଭଲ। ଏହା ସହଜରେ ହଜମ ହେବା ସହ ଆବଶ୍ୟକ ସୋଡ଼ିୟମ ଓ ପଟାସିୟମ ଯୋଗାଇ ଦିଏ। ଡାଇରିଆ ପୁରା ଭଲ ହେବାଯାଏ କଦଳୀ ଖାଆନ୍ତୁ।

ଆପଲ ସାଇଡର ଭିନେଗାର : ଗ୍ଲାସେ ପାଣିରେ ଏକ ଚାମଚ ଆପଲ ସାଇଡର ଭିନେଗାର ମିଶାଇ ଦିନକୁ ଥରେ କି ଦୁଇଥର ପିଅନ୍ତୁ।

ଅଦା : ପାକସ୍ଥଳୀରେ ସମସ୍ୟା ରହିଥିଲେ ଅଦାରେ ଦୂର ହୋଇଯାଏ। ଅଦା ଚା ଦିନକୁ ଦୁଇ କିମ୍ବା ତିନିଥର ପିଅନ୍ତୁ। ଅଦାରସ ଚାମଚେ ମହୁରେ ମିଶାଇ ଖାଇପାରିବେ।

ମେଥି : ଡାଇରିଆ ଚିକିତ୍ସାରେ ଏହା ଲାଗେ। ଏଥିରେ ଅତ୍ୟଧିକ ସୁସିଲେଜ ରହିଛି ଯାହା ଆଣ୍ଟିଡାଇରିଆଲ ଭାବେ କାମ କରେ। ଚାମଚେ ଲହୁଣୀରେ ମେଥି ମିଶାଇ ଖାଆନ୍ତୁ। ସ୍ୱାଦ ଲାଗି ଅଳ୍ପ ଜିରା ପକାଇ ଖାଇପାରିବେ।

ଚାମୋମାଇଲ ଟି : ହଜମକ୍ରିୟାର ବିଭିନ୍ନ ଅଂଶକୁ ସହଜରେ ସକ୍ରିୟ ରଖିବାରେ ସାହାଯ୍ୟ କରେ ଚାମୋମାଇଲ ଚା। ଏହାଦ୍ୱାରା ଡାଇରିଆ ଶୀଘ୍ର ଉପଶମ ହୋଇଯାଏ।

ପାଣି : ସବୁଠୁଠାରୁ ଗୁରୁତ୍ୱପୂର୍ଣ୍ଣ ପାଣି। ଯେତେ ବେଶୀ ପାଣି ପିଅନ୍ତୁ। କଫି ଓ ଆଲକୋହଲ ଠାରୁ ବି ଦୂରେଇ ରୁହନ୍ତୁ। ଓରାଲ ପେଡ଼ିଆଟ୍ରିକ୍ସ ହାଇଡ୍ରେସନ ସଲ୍ୟୁସନ ପେଡ଼ିଆଲାଇଟ ପିଲାମାନଙ୍କୁ ଦିଆଯାଏ। ଏଥିରୁ ବି ଅଳ୍ପ ନେଇପାରିବେ। ବର୍ତ୍ତମାନ ତାତି ଅସହ୍ୟ ହେବାକୁ ଯାଉଛି। ପିଲାମାନଙ୍କର ବିଦ୍ୟାଳୟ ମଧ୍ୟ ଛୁଟି ଅଛି ତେବେ ଗୋଟିଏ କଥା ମନେରଖନ୍ତୁ ପିଲାମାନଙ୍କୁ ଖରାରେ ବାହାରକୁ ଯିବାକୁ ଦିଅନ୍ତୁ ନାହିଁ। ତେଲ, ରାଗମସଲାଯୁକ୍ତ ଖାଦ୍ୟ, ଗରିଷ୍ଠ ଖାଦ୍ୟ, ବଜାରର ଫାଷ୍ଟଫୁଡ଼, ଆମିଷ ନଦେବା ଭଲ। ତଟକା ପନିପରିବା, ଫଳ ସବୁଠାରୁ ଭଲ। ସମ୍ଭବ ହେଲେ ପଇଡ଼ ପାଇଣି, ଆଖୁରସ, ଫଳରସ, ଦହିପାଣି ପିଲାମାନଙ୍କୁ ଦିଅନ୍ତୁ। ଖରାଦିନେ ଅତି ଥଣ୍ଡାପାଣି ବା ଅତି ଥଣ୍ଡା ପାନୀୟ ଦ୍ରବ୍ୟ ଦେବା ଭଲ ନୁହେଁ ସେଥିରେ ସାଧାରଣ ପାଣି ମିଶାଇ ପିଇବାକୁ ଦିଅନ୍ତୁ। ସମ୍ଭବ ହେଲେ ବେଲପଣା, ତାଳସଜ ପିଲାମାନଙ୍କ ପାଇଁ ଉପଯୋଗୀ। ଶାଗ ମଧ୍ୟ ସବୁଠାରୁ ଭଲ। ଗୁଳୁଗୁଳିରେ ଡାଇରିଆ ହେଲେ ପିଲାମାନଙ୍କ ଶରୀରରୁ ଜଳୀୟ ଅଂଶ ଦ୍ରୁତ ଭାବେ କମିଯାଏ ତେବେ ତୁଟୁକା ତୁଟୁକି ଚିକିତ୍ସା ନକରି ସରକାର ବ୍ୟବସ୍ଥାର ସାହାଯ୍ୟ ନିଅନ୍ତୁ। ପିଲାଙ୍କ ଡାଇରିଆ ଜନିତ ପତଳା ଝାଡ଼ା ହେଉଥିଲେ ସେମାନଙ୍କ ପୋଷାକ ପତ୍ର ଭଲ ଭାବେ ଫୁଟାପାଣିରେ ସିଝାଇ ଶୁଖାନ୍ତୁ କାରଣ ଏହ ଅପରିଷ୍କାର ବସ୍ତ୍ର ସଂକ୍ରମଣର ବଡ଼ କାରଣ ହୋଇଥାଏ। ଖରାଦିନେ ପିଲାମାନଙ୍କ ପେଟ ଯେପରି ଖାଲି ନରୁହେ ସେ ଦିଗକୁ ଦେଖନ୍ତୁ। ଡାଇରିଆ ଜନିତ କୌଣସି ଅଧିକ ବିପଦପୂର୍ଣ୍ଣ ଆଶଙ୍କା କଲେ ଶିଶୁ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

*ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,*
*ଫକୀରମୋହନ ମେଡ଼ିକାଲ କଲେଜ,*
*ବାଲେଶ୍ୱର,*
*ଦୂରଭାଷ : ୯୪୩୭୧୨୪୦୭୪*

# ନାରାୟଣ ତନୁତ୍ୟାଗେ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ବିଷ୍ଣୁଙ୍କ ୧୬ନାମ କେଉଁ ସ୍ଥଳରେ ପ୍ରୟୋଗ କରାଯିବ ତାହା ନିର୍ଦ୍ଦେଶ ଶାସ୍ତ୍ରରେ ନିର୍ଦ୍ଦେଶ ଅଛି। ନାରାୟଣ ତନୁତ୍ୟାଗେ ଏହା ମରଣକାଳରେ ବା ଇହଲୋକରୁ ବାହାରି ଯିବା ବେଳେ ସ୍ମରଣ କରାଯାଏ। ଇହଲୋକ, ମୃତ୍ୟୁଲୋକ, ପ୍ରବଳ ମାୟା ଯେଉଁଠି ଯାବୁଡ଼ି ରଖିଛି। ଏସବୁ ମାୟାକୁ କାଟି, ଶରୀରରୁ ଆତ୍ମା ଚାଲିଗଲା ବେଳକୁ ଏହି ପ୍ରୟୋଗ ମାତ୍ର ଏହାର ୨ୟ ପ୍ରୟୋଗ ପୁଣି ଅଛି ତାହା ହେଲା ଗମନ କାଳରେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତ୍ରାବେଳେ ଗୃହରୁ ବାହାରିବା ବେଳେ ଏଇ ନାରାୟଣ ଶବ୍ଦ ଉଚ୍ଚାରଣ କରାଯାଏ। ନାରାୟଣ ନାରାୟଣ କହି ନାରଦ ଗୋସେଇଁ ଗମନ କରୁଥିବା ପୁରାଣରୁ ମିଳୁଛି। ସେମିତି ପକ୍ଷୀରାଜ ଗରୁଡ଼ ସେ ବିଷ୍ଣୁଙ୍କୁ ବହନ କରନ୍ତି। ସେ ପକ୍ଷ ବିସ୍ତାର ଓ ପକ୍ଷ ଉପର ତଳ କଲେ ସେଥିରୁ ବାହାରେ ନାରାୟଣ ମତୁଭ୍ୟଂ ନମଃ। ଏହି ଶବ୍ଦର ସେମାନେ ଧନ୍ୟ, ନାରଦ ଦେବର୍ଷି, ଦେବତା ହୋଇ ଋଷିପଣ ଛାଡୁ ନାହାଁନ୍ତି ନାରଦ, ଋଷିମାନେ ଋଷିବା, ଅଭିମାନ କରିବା। ବିଦ୍ରୋହୀବକ ହେବା, ପରିସ୍ଥିତିରେ କେଉଁଠି ଛିଦ୍ର ରହିଛି ତାକୁ ରନ୍ଧ୍ର ପ୍ରୟୋଗ କରିବା, ଅଶାନ୍ତ ସୃଷ୍ଟି କରି ଚୀରଶାନ୍ତି ନେଇ ଆସିବା, ଏ ନାରଦଙ୍କ କାମ। ପକ୍ଷୀରାଜ ଗରୁଡ଼ ବିଷ୍ଣୁଙ୍କର ଆଜ୍ଞାବହ ବାହାକ ହେଲେ ବିଷ୍ଣୁଙ୍କ ସହ ବଳ କଷାକଷିରେ ଗରୁଡ଼ ଜିଣି ବିଷ୍ଣୁଙ୍କ ବରପ୍ରାପ୍ତରେ ବା ଯାଚାଞ୍ଚାରେ ବିଷ୍ଣୁ ସାନ୍ନିଧ୍ୟରେ ସର୍ବଦା ରହିବା ପାଇଁ ତାଙ୍କର ସମୟ ସର୍ବଦା ଲଗାଉଛନ୍ତି। ଆମ ରାଜ୍ୟରେ ପ୍ରଭୁ ଦାରୁବ୍ରହ୍ମ ତାଙ୍କ ଠାରୁ କିଛି ଦୂର ସମ୍ମୁଖରେ ଗରୁଡ଼ା ପ୍ରତିମା ବସାଯାଇଛି ଓ ଗରୁଡ଼ ଜୀ ପ୍ରଣାମ ମୁଦ୍ରାରେ ହାତଯୋଡ଼ି ପ୍ରଭୁଙ୍କ ଆଦେଶକୁ ଅପେକ୍ଷା କରୁଛନ୍ତି। ୨ୟରେ ଯଦି ଗରୁଡ଼ ବିଷ୍ଣୁଙ୍କ ବାହନ ତେବେ ଶ୍ରୀମନ୍ଦିରରୁ ବାହାରୁ ଥିବା ଅଭଡ଼ା। ମହାପ୍ରସାଦ ଲୋକ ମାନ୍ୟତା ଶାସ୍ତ୍ରମାନ୍ୟତାରେ ଅନ୍ନବ୍ରହ୍ମ ଏହାର ଆଧାର ଅଭଡ଼ା କୁଡୁଆ, ଅତଏବ ଏହା ବି ଗରୁଡ଼ଙ୍କ ଭିନ୍ନ ରୂପ। ହିନ୍ଦୁ ଗୃହସ୍ଥ ତାଙ୍କର ଗୃହର ମୁଖ୍ୟ ପ୍ରବେଶ ପଥରେ ଏପରି ଅଭଡ଼ା କୁଡିଆ ଶିକାରେ ଟଙ୍ଗାଇ ଥାନ୍ତି ଯେ ଗୃହରେ ବାସ ଲକ୍ଷ୍ମୀ ନାରାୟଣଙ୍କର ଆଦେଶ ପ୍ରତୀକ୍ଷାରେ, ପ୍ରତି ଗୃହରେ ଲକ୍ଷ୍ମୀ ସାଆନ୍ତାଣି, ବିଷ୍ଣୁ ପାଟରାଣୀ ମା’ଲକ୍ଷ୍ମୀ ସବୁ ଘର ବଡ଼ବୋହୁ ସାଆନ୍ତାଣି ଧରାଯାଏ। ଅନ୍ୟ ବୋହୁମାନେ ସାନବୋହୁ ହେତୁ ବଡ଼ ବୋହୁ ବର୍ଷରେ ମାର୍ଗଶିର ମାସରେ ଗୁରୁବାର ଓ ଅନ୍ୟ ଗୁରୁବାର ଗୁଡ଼ିକରେ ଗୃହ ପରିବେଶ ଠିକ ଠାକ ସଫା ସୁତୁରା ଝୋଟି ପକାଇବା ଉତ୍ତମ ଖାଦ୍ୟ ପ୍ରସ୍ତୁତ କରିବା ପାଟି ତୁଣ୍ଡ କଳି ନକରିବା ପାଇଁ ଏକ ପ୍ରକାର ମାନି କାମ କରି ଆସୁଛନ୍ତି। ବୈକୁଣ୍ଠରେ କୁଣ୍ଠାନାହିଁ କୁଣ୍ଠା ଅର୍ଥ ନାହିଁ ନାହିଁ ନେତି ନେତି, ଗୃହରେ ଦ୍ରବ୍ୟନାହିଁ, ଦ୍ରବ୍ୟର ଅଭାବ ସହଯୋଗର ଅଭାବରୁ କଳି ଉତ୍ତେଜନା ମାତ୍ର ଅଭାବ ସୃଷ୍ଟି ନକରି ଅଭାବକୁ ଚଳାଇ ସଂକ୍ଷିପ୍ତରେ ଚଳିଲେ ସେ ଘର ବୈକୁଣ୍ଠ। ସେ ଗୃହରେ ସାଆନ୍ତାଣି ବାସ ସାଆନ୍ତାଣିମାନେ ମହାଲକ୍ଷ୍ମୀ। ଗୃହିଣୀଙ୍କ ନାମ ଗୃହଲକ୍ଷ୍ମୀ ଯେଉଁ ବୋହୁ ଆସନ୍ତୁ ୧ଥର ଆସିଲେ ବର ଆଗରେ କନ୍ୟା ହୋଇ ଆସନ୍ତି। ତାଙ୍କ ପାଇଁ ହୁଳହୁଳି ପଡ଼େ, ପ୍ରଦୀପରେ ବୃନ୍ଦାବନ ଅରୁଆ ଚାଉଳ ଦୁବ ପୁଷ୍ପ ପକାଯାଏ ବନ୍ଦାପନା କରି ମୁଖ୍ୟ ଦ୍ୱାରା ମୁଖରୁ ଦେଇ ପିଣ୍ଡି ଘରକୁ ଗୃହଲକ୍ଷ୍ମୀଙ୍କୁ ନିଆଯାଉଛି। କାରଣ ସେ ସେହି ଦିନ ଠାରୁ ଗୃହର ଭବିଷ୍ୟତ। ଗୃହଲକ୍ଷ୍ମୀଙ୍କୁ ପ୍ରଥମେ କର୍ତ୍ତବ୍ୟ ହେଲା ଗୃହରେ ଶାନ୍ତି ରକ୍ଷା, ଏହାଦ୍ୱାରା ବିଶ୍ୱରେ ବଡ଼ ନିରୀକ୍ଷକ ପଦବୀରେ ମହାଲକ୍ଷ୍ମୀଙ୍କର ଅନୁକମ୍ପା ହାସଲ।

ମହାଲକ୍ଷ୍ମୀଙ୍କର ପୁଣି ଜ୍ୟେଷ୍ଠ ଅଛନ୍ତି ଯେ ବଳଭଦ୍ର ଗୋସେଇଁ। ତାଙ୍କର ହୁକୁମ କାନୁନରେ ତାଙ୍କୁ ଚଳିବାକୁ ହୁଏ। ଭଦ୍ରଲୋକ ଆଚରଣ ସହିତ ବଳବାନ ଓ କୌଣସି ଅବସ୍ଥାରେ ଭୟ ନକରି ପରିସ୍ଥିତିରେ ମୁକାବିଲା କରି ନିଜର ଜିତାପଟ କେବଳ ସେହି ବଳଭଦ୍ରଙ୍କର ରହିଛି। ମର୍ତ୍ତ୍ୟର ସବୁ ଭଦ୍ରବ୍ୟକ୍ତିଙ୍କର ଆଦର୍ଶ। ଆଦର୍ଶ ଭଦ୍ର ବ୍ୟକ୍ତି ରହିଥିବା ଗୃହରେ ଗୃହଲକ୍ଷ୍ମୀ ମାନ୍ୟତା ସ୍ତ୍ରୀଲୋକ ଯଦି ଥିବେ ଓ ବଳଭଦ୍ର କଳା ଓ ମହାଲକ୍ଷ୍ମୀ ଆଦର୍ଶ ଅନୁପ୍ରାଣୀତ କଣ ଏମାନଙ୍କର ଥିବ ସେ ଘର ତ ଶ୍ରୀକ୍ଷେତ୍ରର ଅଂଶ। ସନିଅର-ଜୁନିଅର ସ୍ତର ଅଛି ଶାଶୁ ସିନିୟର ଗୃହଲକ୍ଷ୍ମୀ, ବୋହୁ ଜୁନିଅର ଗୃହଲକ୍ଷ୍ମୀ। ଜୁନିଅର ସମୟ ବଢ଼ିଲେ ସିନିୟର ହୋଇଥାନ୍ତି। ଏପାଇଁ ଜୁନିଅରମାନେ ଛୋଟୁ କନିଷ୍ଠ। ନାର ଅର୍ଥ ଜଳ, ଯେ ଜଳରେ ଶୟନ କରିଥାନ୍ତି ତାଙ୍କର ନାମ ନାରାୟଣ। ‘ଦ’ ଦାନ ପ୍ରଦାନ କାର୍ଯ୍ୟରେ ଲାଗେ। ଜଳର ପବିତ୍ରକରଣ ସମ୍ବନ୍ଧ ଅଛି ଏ ପାଇଁ। ୩ଟି ଜଳ ରାଳ ଜ୍ୟୋତିଷରେ ଅଛି ଯାହା ଜାତିଦୃଷ୍ଟେ, ବ୍ରାହ୍ମଣ ରାଶି, ଯେଉଁ ଜାତିଙ୍କର ସବୁ ସଂସ୍କାର ଅବଲମ୍ବନ ଅଛି। ମାନବର ଦେହରେ ଛଅ ରିପୁ ଅଛନ୍ତି। ଏ ରିପୁ ହିଁ ଦୁଃଖ କଷ୍ଟର କାରଣ। ବ୍ରାହ୍ମଣମାନେ ଛଅ ଖିଅ ପଇତା ପିନ୍ଧି ଏ ରିପୁକୁ ନିୟନ୍ତ୍ରଣ କରନ୍ତି। ଅନେକ ନଅ ଖିଅ ପିନ୍ଧନ୍ତି। ଶରୀରରେ ନବ ଦ୍ୱାର ଅଛି ଦୁଇଟି ଆଖି, ଗୋଟିଏ ପାଟି, ଦୁଇଟି ନାକ, ଯୌନାଙ୍ଗ, ଗୁହ୍ୟଦ୍ୱାର, କାନ ଦୁଇ ଏପରି ନବଦ୍ୱାର। ଏହି ନବଦ୍ୱାର ଉପରେ ନିୟନ୍ତ୍ରଣ ପାଇଁ ମନ୍ତ୍ରପୂତ ବ୍ରହ୍ମସୂତ୍ର ପଇତା ଧାରଣ ଏମାନେ ଗୁରୁଦ୍ୱରା ସଂକଳ୍ପବଦ୍ଧ ହୋଇ ପିନ୍ଧିଥାନ୍ତି। ନାରଦ ବ୍ରହ୍ମାଙ୍କ ପୁତ୍ର ସମ୍ପୂର୍ଣ୍ଣ ବ୍ରାହ୍ମଣ ତାଙ୍କ କଠୋର ପବିତ୍ରତା ଅଛି ସେ କୌଣସି ସ୍ଥାନେ ଉପସ୍ଥିତ ଅର୍ଥ ସେ ସ୍ଥାନର ମନକୁ କୁସଂସ୍କାର ସାଧନ ହୋଇଥାଏ। ମୃତ୍ୟୁର କାଳ କାହାର ଉପସ୍ଥିତ ହେଲେ ତାଙ୍କ ପାଟିରେ ଗଙ୍ଗାଜଳ, ତୁଳସୀଜଳ, ମହାପ୍ରସାଦ ପାଣି ଦିଆଯାଏ। ପବିତ୍ର ଧର୍ମଗ୍ରନ୍ଥର କିଛି ଅଂଶ ତାଙ୍କ ପାଖରେ ପାଠ କରାଯାଏ। ହେଲେ ଜୀବନରେ ଯଦି ବହୁ ପୂର୍ବରୁ ଦେବତାଙ୍କର ନାମ ସଦା କାର୍ଯ୍ୟବ୍ୟସ୍ତରେ ମନନ କରାଯାଇଥାଏ ଏହା ଘୋଷା ହୁଏ ଶେଷ ଜୀବନରେ ତାହା ମନକୁ ଆସିଯାଏ। ମାତ୍ର ଶତୃତା ସାଧନ ଝନ, ଜମି ଜମା ବିଷୟରେ ଚିନ୍ତନ ଥିଲେ ଜୀବର ସୁଖମରଣ ହୋଇନପାରେ। ଏଥିପାଇଁ ବ୍ୟକ୍ତିମାନେ କୌଣସି ପ୍ରାପ୍ତି ଚିନ୍ତା, ପିଲାଙ୍କ ନାମ ଦେବାଦେବୀ ନାମ ଦେଇଥାନ୍ତି। ସବୁଠାରୁ ଭଲ ନାମ ନାରାୟଣ। କେହି ଗୃହାନ୍ତର ହୋଇ ବାହାରକୁ ଯାଉଛନ୍ତି ଦୂରଗାମୀ ଯାନରେ ବସୁଛନ୍ତି ମୁଖରେ ନାରାୟଣ ଉଚ୍ଚାରଣ କରନ୍ତୁ ନିଶ୍ଚେ ପଥକଷ୍ଟ କଟିବ ପୁଣି ଯାତ୍ରା ଉଦ୍ଦେଶ୍ୟ ସିଦ୍ଧି ହେବ।

*‘ବରେଣ୍ୟ ବାଣୀ’ ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*



# କୃଷି ଦୁନିଆ

## ଜୈବିକ କୃଷିସାରର ସମନ୍ୱିତ ପରିଚାଳନା



ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

ଭାରତବର୍ଷ ସାରା ବିଶ୍ୱର କୃଷି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଛି, ମାତ୍ର ଏବର କୃଷିକ୍ଷେତ୍ରରେ ରାସାୟନିକ ସାରର ପ୍ରୟୋଗ ବହୁମାତ୍ରାରେ ବୃଦ୍ଧି ପାଇଅଛି। ଏହାହିଁ ଏକମାତ୍ର ବିକଳ୍ପ ରୂପେ ପରିଗଣିତ ହୋଇ ପାରିଛି । କିନ୍ତୁ ଜୈବିକ କୃଷି ସାରର ସମନ୍ୱିତ ପରିଚାଳନା କୃଷି କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଅଟେ ।

**ଜୈବିକ କୃଷିସାର କ'ଣ ?**

ଜୈବିକ କୃଷିସାର ଉପଯୋଗୀ କ୍ଷୁଦ୍ର ଅଣୁଜୀବମାନଙ୍କର ସଙ୍ଗଠିତ ସମାହାର ଯାହାର ପ୍ରୟୋଗ କୃଷି ଉତ୍ପାଦନରେ ବୃଦ୍ଧି ଆଣିବା ସହ ଫସଲର ପୁଷ୍ଟିକରମାନ ବଢ଼ାଇ ଥାଏ। ରାସାୟନିକ ସାରର ବିକଳ୍ପ ଭାବେ ଜୈବିକ କୃଷି ସାର ପ୍ରମୁଖ ଭୂମିକା ଗ୍ରହଣ କରିଅଛି। ମୁଖ୍ୟତଃ- କୃଷିଜମି ମୃତ୍ତିକା ଏବଂ ମିରେ ଏହାର ପରିଚାଳନା ହୁଏ। ଯେପରି କି ନାଇଟ୍ରୋଜେନ୍ ଫିକ୍ସିଙ୍ଗ ଅଣୁଜୀବ ଫସଲକୁ ସଠିକ୍ ପରିମାଣରେ ପହଞ୍ଚାଇ ଥାଆନ୍ତି । ଫସଫରସ ଦ୍ରବଣୀୟ ଅଣୁଜୀବ ଅଦ୍ରବଣୀୟ ଫସଫେଟକୁ ଦ୍ରବଣୀୟ କରି ଫସଲ ପାଖରେ ପହଞ୍ଚାଇ ଥାଏ । ଏତଦ୍ ଭିନ୍ନ ଏହିସବୁ ଅଣୁଜୀବ କମ୍ପୋଷ୍ଟରେ ସେଲ୍ୟୁଲୋଜର ବିଘଟନ ପ୍ରକ୍ରିୟାରେ ସାହାଯ୍ୟ କରିବା ସହ ଧାନ ଜମିରେ ଖତ ଭାବରେ ବ୍ୟବହୃତ ହୁଏ ।

**ବିଭିନ୍ନ ପ୍ରକାର ଜୈବିକ କୃଷିସାର :**

୧) ରାଇଜବିଆ, ଅଜୋଟୋ ବ୍ୟାକ୍ଟର, ଫସଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ ଯଥା- ବାସିଲସ୍, ସ୍ୟୁଡୋମନାସୀ ସମନ୍ୱିତ ପରିଚାଳନା।

୨) ବାୟୋମାସ୍ ଉତ୍ପାଦକ ଅଣୁଜୀବ ଯଥା- ଆଜୋଲା, ରାଇଜୋବିୟମ୍ ଓ ଆଜୋଟୋବ୍ୟାକ୍ଟର।





ଡାଲି ଜାତୀୟ ଫସଲ :

ବର୍ତ୍ତମାନ ଭାରତର ବିଭିନ୍ନ ଅନୁକୋଣରେ ଜୈବିକ ସାର ପ୍ରୟୋଗର ଭୂମିକା ବଢ଼ିବାରେ ଲାଗିଛି । ଡାଲିଜାତୀୟ ଫସଲ କ୍ଷେତ୍ରରେ ରାଇଜୋବିୟମର ପ୍ରୟୋଗ ଉତ୍ପାଦନ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଏହାଛଡ଼ା ଆଜୋଟୋବ୍ୟାକ୍ଟର ମଧ୍ୟ ଫସଲ ବୃଦ୍ଧିର ପ୍ରମୁଖ୍ୟ ରହସ୍ୟ।

**ଶୈବାଳର ଉପଯୋଗିତା :**

ଶୈବାଳ ମୁଖ୍ୟଭାବେ ଧାନ ଫସଲ କ୍ଷେତ୍ରରେ ଉପଯୋଗ କରାଯାଏ। କାରଣ ଶୈବାଳ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ପରିମାଣ ବଢ଼ାଇ ଥାଏ। ଯାହା ଦ୍ୱାରା ନାଇଟ୍ରୋଜେନ୍ ଜନିତ ରାସାୟନିକ ସାରର ବିକଳ୍ପ ଭାବେ ଆମେ ଏହାକୁ ପ୍ରୟୋଗ କରିବା। ଏହା କରିବା ଦ୍ୱାରା ଉତ୍ପାଦନ ୧୦ ରୁ ୧୫ ଶତକଡ଼ା ଅଧିକ ହୋଇଥାଏ। (ଯଦିଓ ରାସାୟନିକ ସାର ବ୍ୟବହାର ନକରିବା) ଏକ ସର୍ଭେରୁ ଜଣା ଯାଇଛି ଏହି ଶୈବାଳ ୧୫ ରୁ ୩୫ କି.ଗ୍ରା ନାଇଟ୍ରୋଜେନ୍ / ହେକ୍ଟର ଯୋଗାଇଥାଏ।

**ଫସ୍ଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ:**

ବ୍ୟାକ୍ଟେରିଆ ଯଥା ବାସିଲସ୍ ଓ ବାସିଲସ୍ ଏବଂ କବକ ଯଥା ପେନସିଲିୟମ ଅଦ୍ରବଣୀୟ ଫସ୍ଫରସ୍‌କୁ ଦ୍ରବଣ କରି ଫସଲ ପାଖରେ ପହଞ୍ଚାଇବାର କ୍ଷମତା ଅଛି । ଯାହା ଦ୍ୱାରା ଫସଲକୁ ଫସଫରସର ଅଭାବ ପୂରଣ ହୋଇଯାଏ । ଏହା ବ୍ୟତୀତ କମ୍ପୋଷ୍ଟରେ ସେଲ୍ୟୁଲୋଜ୍ ବସ୍ତୁର ଦ୍ରୁତ ବିଘଟନ ପ୍ରକ୍ରିୟାରେ ମଧ୍ୟ ଏହା ସାହାଯ୍ୟ କରେ (୪-୧୬ ସପ୍ତାହ)।

ଡାଲି ଜାତୀୟ ଫସଲରେ ନିମ୍ନୋକ୍ତ ବ୍ୟାକ୍ଟେରିଆର ପ୍ରୟୋଗ :

ଦିଲ୍ଲୀ- ୧୩%, କାନପୁର- ୩୮%, ବନାରସ- ୯୯%

**ଆଜୋଲା :**

ଆଜୋଲା ଏହିଭଳି ଏକ ଜଳଜାତୀୟ ଫର୍ଣ୍ଣ। ଏହା ମୁଖ୍ୟତଃ ଧାନ ଫସଲରେ ବ୍ୟବହୃତ ହୁଏ। ଆଜୋଲ, ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଆନବେନା ସହ ମିଶି ଏକ ପ୍ରମୁଖ ଜୈବିକ ସାରର ଭୂମିକା ନିଭାଇଥାଏ। ଆଜୋଲା ଧାନ ଚାରାର ଧାଡ଼ି ଧାଡ଼ିରେ ମଧ୍ୟ ବଢ଼ାଯାଇପାରେ ଏବଂ ଏହାପରେ ଏହାକୁ ନେଇ ପ୍ରୟୋଗ କରାଯାଏ। ବାୟୋମାସ୍ ଉତ୍ପାଦନ ପାଇଁ ଏହାକୁ ବ୍ୟବହାର କରାଯାଇଥାଏ । ଦ୍ରୁତ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଭାବେ ମଧ୍ୟ ଆଜୋଲା ପିନଟା ବ୍ୟବହୃତ ହୁଏ। ଏତଦ୍‌ଭିନ୍ନ ଆଜୋସ୍ପିରିଲମ୍ ମଧ୍ୟ ବ୍ୟବହାର କରାଯାଏ। ଏହି ସବୁ ବର୍ତ୍ତମାନ ସମୟରେ ଏକ ଯୁଗାନ୍ତକାରୀ ପଦକ୍ଷେପ । କୃଷି କ୍ଷେତ୍ରରେ ଏହାର ଉପଯୋଗ ଉତ୍ପାଦନରେ ଶତଗୁଣ ବୃଦ୍ଧି କରିବା ସହ ହାନିକାରକ ହୋଇ ନଥାଏ।



## ନଡ଼ିଆ ଗଛରେ କାଳିମୁଣ୍ଡି ପୋକ ନିୟନ୍ତ୍ରଣ



ନଡ଼ିଆ ଏକ ଅର୍ଥକାରୀ ଫସଲ ଏବଂ ନଡ଼ିଆ ଗଛ ରେ ଲାଗୁଥିବା କୀଟ ମାନଙ୍କ ମଧ୍ୟରୁ କାଳିମୁଣ୍ଡି ପୋକ ଗଛ ପାଇଁ ବିଶେଷ କ୍ଷତିକାରକ । ଏହା ଏକ ପ୍ରଜାପତି ଜାତୀୟ କୀଟ ଏବଂ ଏହାର ଲାର୍ଭା ଅବସ୍ଥା ଗଛ କୁ ପହୁଞ୍ଚାଇଥାଏ । ଏହି ଲାର୍ଭା ର ମୁଣ୍ଡ କଳା ରଙ୍ଗ ର ହେଇଥିବାରୁ ଏହାକୁ କାଳିମୁଣ୍ଡି ପୋକ କୁହାଯାଏ । ଲାର୍ଭା ଟି ଦେଖିବାକୁ ଗାଢ଼ ଧୂସର ରଙ୍ଗର ଏବଂ ଅଣ୍ଡା ରୁ ବାହାରି ଏମାନେ ସବୁଜ ପତ୍ର କୁ ଖାଇଥାନ୍ତି । ପତ୍ର କୁ ଖାଇବା ସହ ଏମାନେ ପତ୍ରରେ ସୁଡଙ୍ଗ ତିଆରି କରନ୍ତି, ସେଥିରେ ଖାଇ ମଳତ୍ୟାଗ କରନ୍ତି ଯାହା ଫଳ ରେ ପତ୍ର ର କେବଳ ମୁଖ୍ୟ ଶିରା ରହିଯାଏ କ୍ଷ ଦୂରରୁ ଦେଖିଲେ ନଡ଼ିଆ ବଗିଚ଼ା ପୋଡିଗଲା ପରି ଦେଖାଯାଏ ।

ପରିଚ଼ାଳନା:

- ଖରା ଦିନ ଆରମ୍ଭ ହେବ ପୂର୍ବରୁ ପୋକ ଦ୍ୱାରା କ୍ଷତ ପତ୍ର ଗୁଡିକୁ କାଟି ପୋଡିଦେବା ଉଚ଼ିତ।

କ୍ଟ ଗଛ ଟି ଛୋଟ ଅବସ୍ଥା ରେ ଥିଲାବେଳେ ୪ ଲିଟର ପାଣିରେ ଡାଇକ୍ଲୋରୋଭସ୍ ୧ ମିଲି ଲିଟର ମିଶାଇ ଅକ୍ରାନ୍ତିତ ଗଛର ପତ୍ରରେ ସିଞ୍ଚନ କରିବା ଦ୍ୱାରା ହେଉଥିବା କ୍ଷତି କମ କରାଯାଇପାରିବ ।

- ବ୍ରାକନ ବ୍ରେଭିକରନିଶ ନାମକ ଭଅଁର ଜାତୀୟ ଶତ୍ରୁ ପୋକକୁ ନଡିଆ ଫସଲରେ ୭ରୁ ୧୦ ଦିନ ବ୍ୟବଧାନରେ ୩ ରୁ ୪ ଥର ପ୍ରୟୋଗ କରାଯାଏ । ଏହି ଶତ୍ରୁ ପୋକଟି କାଳିମୁଣ୍ଡି ଲାର୍ଭା ଦେହ ଭିତରେ ଅଣ୍ଡା ଦିଏ । ଅଣ୍ଡାରୁ ଛୁଆ ବାହାରି ଏହାକୁ ପୋକକୁ ଖାଇ ଦିଅନ୍ତି । ଯାହା ଫଳରେ କାଳିମୁଣ୍ଡି ପୋକର ବଂଶ ଲୋପପାଏ ଏବଂ ନଡିଆ ଗଛ ଗୁଡିକ କାଳିମୁଣ୍ଡି ପୋକର ଆକ୍ରମଣରୁ ରକ୍ଷା ପାଏ।

ରୁଦ୍ର ପ୍ରତାପ ସୁବୁଦ୍ଧି
ସହାକରୀ ପ୍ରାଧାପକ,
ମିଟସ୍ , ରାୟଗଡ଼ା

## କ୍ଷାରଜଳ ଜାଲଘର ମାଛ

**ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି**

ବର୍ତ୍ତମାନ ଭାରତରେ ସାମୁଦ୍ରିକ ମତ୍ସ୍ୟକୃଷି ନୀଳ ବିପ୍ଳବର ଏକ ନୂତନ ପଦକ୍ଷେପ । ଏହା ଲକ୍ଷ୍ୟ କରାଯାଇଛି ଯେ ବିଗତ ଦଶଦଶନ୍ଧି ମଧ୍ୟରେ ଲୋକମାନଙ୍କର ସ୍ୱାସ୍ଥ୍ୟକର ପୋଷଣ ଏବଂ ବୈଦେଶିକ ମୁଦ୍ରା ପାଇଁ ମାଛ ପ୍ରତି ଆଦର ଯୋଗୁଁ ସାମୁଦ୍ରିକନ୍ ମାଛର ଘରୋଇ ଚାହିଦା ଅହେତୁକ ଭାବେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଯାହା ଫଳରେ ସାମୁଦ୍ରିକ ମାଛର ଜୋର ମୂଲ୍ୟ ମଧ୍ୟ ବିଶେଷ ଭାବରେ ବୃଦ୍ଧି ପାଉଛି । କିନ୍ତୁ ସ୍ଥଳ ଭାଗର ଭୂମିଖନନ ଏବଂ ବହୁଳ ବ୍ୟବହାରର ସମସ୍ୟା, ତତସହିତ ପାରିପାର୍ଶ୍ୱିକ ପରିବେଶ ପ୍ରଦୂଷଣର ସମସ୍ୟା ଯୋଗୁଁ ଉପକୂଳବର୍ତ୍ତୀ ସାମୁଦ୍ରିକ ମତ୍ସ୍ୟକୃଷିର ସମ୍ପ୍ରସାରଣ ଓ ଉନ୍ନୟନ ବର୍ତ୍ତମାନ ଏକ କାଠିକର ବ୍ୟାପାର ହୋଇ ପଡ଼ିଛି । ଏଣୁ ଏ ସବୁର ସମାଧାନ ନିମନ୍ତେ ଲୋକମାନଙ୍କ ମନରେ 'ସମୁଦ୍ରାଭିମୁଖୀ' ବା 'ସମୁଦ୍ର ମୁହାଁ' ନାମକ ଏକ ଚିନ୍ତାଧାରା ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଏହା କ୍ଷୀପ୍ର ଗତିରେ ଅଗ୍ରସର ହେଉଛି, ବିଶେଷ କରି ସାମୁଦ୍ରିକ ମତ୍ସ୍ୟପାଳନ ନିମେନ୍ତ।



**କ୍ଷାରଜଳ ଜାଲଘର ମାଛଚାଷର ଉପକାରିତା :**

୧) ପ୍ରାୟତଃ ସର୍ବାଧିକ ପ୍ରକାର ଜଳଉତ୍ସର ସମ୍ପୂର୍ଣ୍ଣ ବିନିଯୋଗ ଯେପରିକି ମୁକ୍ତ ସମୁଦ୍ର, ମୁହାଣ, ବୃହତଜଳାଶୟ, ନଦୀ, ହ୍ରଦ ଏବଂ କ୍ଷାରଜଳ ଉତ୍ସ ଇତ୍ୟାଦି।

୨) ଗରିବ ଏବଂ ଜମିହୀନ କୃଷକ ପାଇଁ ଏହା ଏକ ଉତ୍କୃଷ୍ଟ ମାଧ୍ୟମ, କାରଣ ଏଥିପାଇଁ ଜମି କିମ୍ବା ଉତ୍ସର ଅଧିକାର ଆବଶ୍ୟକତା ନାହିଁ।

୩) ଅନ୍ୟ ମତ୍ସ୍ୟକୃଷି ଅପେକ୍ଷା ଜାଲଘର ମାଛଚାଷରେ ମାଛ ମାନଙ୍କର ବୃଦ୍ଧି ଅପେକ୍ଷାକୃତ ଅଧିକ ହୋଇଥାଏ ।

୪) ପୋଖରୀ, ଗାଡ଼ିଆ ପରି ମାନନ୍ଧ ଜଳାଶୟ ଅପେକ୍ଷା ଜାଲଘର ମାଛ ଚାଷରେ ୧୦-୧୨ ଗୁଣା ଅଧିକ ଉତ୍ପାଦନ ହୋଇଥାଏ ।

୫) ସମସ୍ତ ପରିଚାଳନା ଅତି ସହଜ ହୋଇଥାଏ । ଯଥା- ଖାଦ୍ୟଦେବା, ଯତ୍ନ ନେବା ଏବଂ ତଦାରଖ କରିବା ଇତ୍ୟାଦି।

୬) ବର୍ଷରେ ସର୍ବାଧିକ ଥର ଉତ୍ପାଦନ କରିହେବା ଭଳି ଏକ ସୀମିତ ସମୟ ମାଛଚାଷ ।

୭) ବନ୍ୟା ଜନିତ କ୍ଷତିର ସର୍ବନାଶ ଭୟ ।

୮) କୌଣସି ପ୍ରକାର ଜଳସ୍ତର ହ୍ରାସର ପ୍ରଶ୍ନ ନାହିଁ।



୯) କୌଣସି ପ୍ରକାର ଭୂମି ଖଳନ କିମ୍ବା ମାଟି ସମ୍ବନ୍ଧୀୟ ତଦାରଖର ଆବଶ୍ୟକତା ନାହିଁ।

୧୦) ଜଳ ପରିବର୍ତ୍ତନର ଆବଶ୍ୟକତା ନାହିଁ।

୧୧) ଯେହେତୁ ଅନ୍ୟ କୃଷିକାର୍ଯ୍ୟ ଠାରୁ ଏହାର ସ୍ଥାନ ଦୂର ଏବଂ ସମ୍ପୂର୍ଣ୍ଣ ଭିନ୍ନ । ତେଣୁ ରାସାୟନିକ ପଦାର୍ଥର ପ୍ରଭାବ ଏହା ଉପରେ ନାହିଁ କହିଲେ ଚଳେ ।

୧୨) ଉପଯୁକ୍ତ ବଜାର ସ୍ଥାନ ଦେଖି ଏହାକୁ ପରିଚାଳନା କରିବା ସଙ୍ଗେ ସଙ୍ଗେ ଆମଦାନୀ ଓ ରପ୍ତାନୀର ଅସୁବିଧାକୁ ମଧ୍ୟ ଏଡ଼ାଇ ଦିଆଯାଇ ପାରିବ ।

୧୩) ଏଥିରେ ସହଜ ଏବଂ ସମ୍ପୂର୍ଣ୍ଣ ମାଛ ଉତ୍ପାଦନ ସମ୍ଭବ ।

୧୪) ଏଥିରେ ଦିଆଯାଉଥିବା ଖାଦ୍ୟର ସମ୍ପୂର୍ଣ୍ଣ ବିନିଯୋଗ ହୋଇଥାଏ ।

୧୫) ସବୁଠାରୁ ବଡ଼ କଥା ହେଲା ଏଥିରେ କମ୍ ଖର୍ଚ୍ଚରେ ସର୍ବାଧିକ ଲାଭ ହୋଇଥାଏ ।

(ରେମୁଣା , ବାଲେଶ୍ୱର, ମୋ -୯୧୭୮୪୦୬୫୭)

## କୃଷି ପର୍ଯ୍ୟଟନ



**ଅନିଲ କୁମାର ମିଶ୍ର**

କୃଷି ପର୍ଯ୍ୟଟନ କୃଷି ଭିତିକ କର୍ଯ୍ୟକଳାପ ସହ ଜଡିତ ଯାହା ପରିଦର୍ଶକ ମାନଙ୍କୁ ଆକୃଷ୍ଟ କରିବା ସହିତ ଚ଼ାଷ ଜମି ର ସୌନ୍ଦର୍ଯ୍ୟ ଏବଂ ଚ଼ାଷୀ ବିଷୟରେ ଜାଣିବାର ସୁଯୋଗ ସୃଷ୍ଟି କରିଥାଏ । ଲୋକମାନେ ବର୍ତମାନ ଖାଦ୍ୟ କିପରି ଉତ୍ପାଦିତ ହୁଏ , କିପରି ପ୍ରକ୍ରିୟାକରଣ ହୁଏ ଏବଂ କିପରି ବିଭିନ୍ନ ବଜାର ରେ ପହଞ୍ଚ ? , ସେ ବିଷୟରେ ଜାଣିବା ପାଇ ଇଚ଼ଛା ପ୍ରକାଶ କରୁଛନ୍ତି । ଆମ ଓଡିଶା ସାରା ଭାରତରେ ଉଭୟ



ଘରୋଇ ଏବଂ ବିଦେଶୀ ନାଗରିକ ଙ୍କ ପାଇଁ ଏକ ଲୋକପ୍ରିୟ କୃଷି ପର୍ଯ୍ୟଟନ ର ଗନ୍ତବ୍ୟସ୍ଥଳ।

କୃଷି ପର୍ଯ୍ୟଟନ ମାଧ୍ୟମରେ ଓଡିଶା ରେ କୃଷକ ମାନଙ୍କ ଜୀବନଶୈଳୀ, ଆମର ସଂସ୍କୃତି ଏବଂ ପାରମ୍ପାରିକ ପ୍ରଥମିକତା ବିଷୟରେ ପର୍ଯ୍ୟଟକ ମାନେ ଅବଗତ ହୋଇପାରିବେ ଏହା ଛଡା ସ୍ଥାନୀୟ କୃଷି ଜାତୀୟ ଦ୍ରବ୍ୟ ଏବଂ ବିଭିନ୍ନ କୃଷି ପ୍ରକ୍ରିୟା ସହ ସିଧାସଳଖ ଯୋଡି ହୋଇପାରିବେ । ଦେଶ ର ସବୁଠାରୁ ଅଧିକ ଧାନ ଉତ୍ପାଦନ କରୁଥିବା ରାଜ୍ୟ ମଧ୍ୟରୁ ଓଡିଶା ଅନ୍ୟତମ । ଓଡିଶା ର ଧାନ ଉତ୍ପାଦନ ଦେଶ ର ମୋଟ ଚ଼ାଉଳ ଉତ୍ପାଦନ ର ଏକ ଦଶମାଂଶ ଅଟେ । ଆମ ରାଜ୍ୟ ରେ ଚ଼ାଷୀ ଙ୍କ ଦ୍ୱାରା ଚ଼ାଷ କରାଯାଉଥିବା ମୁଖ୍ୟ ଫସଲ ଗୁଡିକ ହେଉଛି ଧାନ, ଝୋଟ, ବିଭିନ୍ନ ତୈଳଜାତୀୟ ଫସଲ, ଡାଲି ଜାତୀୟ, ମକା, ଆଖୁ, ଚ଼ା, କପା, ରବର, ମାଣ୍ଡିଆ, ରାଗି, ଆଳୁ, ବିଭିନ୍ନ ଫଳ ଏବଂ ପଣି ପନିପରିବା ଇତ୍ୟାଦି। ଓଡିଶା ରେ ବିଭିନ୍ନ ଋତୁ ରେ ବିଭିନ୍ନ ଫସଲ ଚ଼ାଷ କରାଯାଇଥାଏ। ଏହା ସହିତ ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କ ରେ ବିଭିନ୍ନ ପ୍ରଜାତି ର ମାଛ ,ଚ଼ିଙ୍ଗୁଡି ଏବଂ କଙ୍କଡା ଚ଼ାଷ କରାଯାଇଥାଏ। ପଶୁପାଳନ ଏବଂ କ୍ଷୀର ଉତ୍ପାଦନ ରେ ମଧ୍ୟ ଓଡିଶା ବହୁତ ଆଗରେ।

କୃଷି ପର୍ଯ୍ୟଟନ ମାଧ୍ୟମରେ ପରିଦର୍ଶକ ମାନେ ଶସ୍ୟ ପର୍ଯ୍ୟଟନ , ପନିପରିବା ପର୍ଯ୍ୟଟନ , ଫଳ ପର୍ଯ୍ୟଟନ , ପଶୁପାଳନ ପର୍ଯ୍ୟଟନ ଏବଂ ମଛାଚ଼ାଷ ପର୍ଯ୍ୟଟନ ସ୍ଥଳ ବୁଲି ଦେଖି ପାରିବେ । କୃଷି ପର୍ଯ୍ୟଟନ କୃଷି , କୃଷକ , ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଲାଭବାନ ସୂତ୍ର।

❖ ଚ଼ାଷୀ ମାନେ ପ୍ରତ୍ୟକ୍ଷ ଭାବେ ନିଜ ଉତ୍ପାଦନ ର ବିପଣନ କରିପାରିବେ। କୃଷି ପର୍ଯ୍ୟଟନ ଚ଼ାଷୀ ଙ୍କୁ ମୂଲ୍ୟ ନିର୍ବାହକାରୀ ପରିବର୍ତ୍ତ ? ମୂଲ୍ୟ ନିର୍ମାତା ଭାବରେ ରୂପାନ୍ତର କରିପାରିବ।

❖ କୃଷି ପର୍ଯ୍ୟଟନ କୃଷକ ପାଇଁ ଆୟର ଏକ ଅତିରିକ୍ତ ସହାୟକ ସ୍ରୋତ ହୋଇପାରିବ ଏବଂ ସେଇ ପୂର୍ବ ଜମି ଆଧାର ରେ ଚ଼ାଷୀ ଅଧିକ ଲାଭବାନ ହୋଇପାରିବ।

❖ କୃଷି ପର୍ଯ୍ୟଟନ ସ୍ଥଳ ପାଇଁ ଆକର୍ଷିତ ହୋଇଥିବା ପରିଦର୍ଶକ ମାନେ ପୁରୁଣା କୃଷି ଦ୍ରବ୍ୟ କିଣିବା ପାଇଁ ମଧ୍ୟ ଆଗ୍ରହ ପ୍ରକାଶ କରିବେ।

❖ ଫସଲ ଉତ୍ପାଦନ ସମୟ ଛଡା ମଧ୍ୟ ଟିକିଏ ଚ଼ତୁରତା ସହିତ ଚ଼ାଷୀ ବର୍ଷ ତମାମ ଅର୍ଥ ଉପାର୍ଜନ କରିପାରିବ।

❖ ମୁଖ୍ୟତ କୃଷି ପର୍ଯ୍ୟଟନ ଦ୍ୱାରା କୃଷକ ଏବଂ ଗ୍ରାହକ ଙ୍କ ସହଭାଗୀତା କୁ ବୃଦ୍ଧି କରିବାରେ ସଫଳ ହୋଇପାରିବ।

❖ ଏହା ମଧ୍ୟ ବିଦ୍ୟାଳୟ ରେ ପଢୁଥିବା ପିଲାମାନଙ୍କ ପାଇଁ ଏବଂ କୃଷି ଆଗ୍ରହୀ ଲୋକ ଙ୍କ ପାଇଁ ପ୍ରଶିକ୍ଷଣ ର ସୁଯୋଗ ସୃଷ୍ଟି କରିବା ସହିତ ପରିବାର ଅନୁକୂଳ ଗନ୍ତବ୍ୟସ୍ଥଳ ଖୋଜୁଥିବା ଲୋକ ମାନଙ୍କ ପାଇଁ ଏକ ମନୋରଞ୍ଜନ ର ମାଧ୍ୟମ ହୋଇପାରିବ, ଯେଉଁଠି ସେମାନେ ବ୍ୟସ୍ତ ବହୁଳ ଜୀବନ ରୁ ବାହାରି ଆସି ପ୍ରକୃତି, ଉଦ୍ଭିଦ, ଏବଂ ଘୋରୋଇ ପଶୁ ପକ୍ଷୀ ଙ୍କ ଗହଣ ରେ ସମୟ ଅତିବାହିତ କରିପାରିବେ ।

❖ କୃଷି ପର୍ଯ୍ୟଟନ କୃଷକ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ଉତ୍ତମ ସମ୍ପର୍କ ସୃଷ୍ଟି କରିବା ସହିତ ଛୋଟ ସମ୍ପ୍ରଦାୟର ଉନ୍ନତି ରେ ମଧ୍ୟ ଅଂଶଧର ହେବ ।

❖ ପର୍ଯ୍ୟଟନ ଦ୍ୱାରା ସ୍ଥାନୀୟ ଉତ୍ପାଦନ ଏବଂ ସେବା ଗୁଡିକର ବିକ୍ରୟ ରେ ବୃଦ୍ଧି ହେବ ସହ ସ୍ଥାନୀୟ ଅଞ୍ଚଳ ରେ ନିଯୁକ୍ତି ମଧ୍ୟ ସୃଷ୍ଟି କରିବ।

❖ ପଡୋଶୀ କ୍ଷୁଦ୍ର ଚ଼ାଷୀ ଙ୍କ ପାଇଁ ଏହା ଏକ ମାର୍କେଟିଂ ଭେନ୍ୟୁ ରୂପରେ ମଧ୍ୟ ବ୍ୟବହାର କରାଯାଇ ପାରିବ ।

କୃଷି ପର୍ଯ୍ୟଟନ କୃଷି , କୃଷକ , ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ଙ୍କ ମଧ୍ୟରେ ଏକ ସମନ୍ୱୟ ସମ୍ପର୍କ ବଢାଇବାରେ ସକ୍ଷମ ହେବା ସହ କୃଷକ ଙ୍କୁ ଅଧିକ ଲାଭଦାୟକ କରିପାରିବ। ସରକାର ମଧ୍ୟ କୃଷି ପର୍ଯ୍ୟଟନ କୁ ଗୁରୁତ୍ୱ ଦେବା ସହ ଚ଼ାଷୀ ମାନଙ୍କୁ ଏହି ସୁଯୋଗ ବିଷୟରେ ଅବଗତ କରାଇଲେ କୃଷି ଏବଂ କୃଷକ ର ଉନ୍ନତି ହୋଇପାରିବ।

*କୃଷି ବିଶେଷଜ୍ଞ, ଭୁବନେଶ୍ୱର*




# କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ତେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

# ଏଫ୍.ଏସ୍.ଏସ୍.ଏ.ଆଇ. ର ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ମାନ ଯାଂଚ ପଦକ୍ଷେପ ସ୍ୱାଗତଯୋଗ୍ୟ : ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ

ଭୁବନେଶ୍ୱର, (ପି.ଏନ): ଭାରତୀୟ ମାନ ନୀରିକ୍ଷଣ ସଂସ୍ଥା (ଏଫ୍.ଏସ୍.ଏସ୍.ଏ.ଆଇ) ପକ୍ଷରୁ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ମାନ ପରୀକ୍ଷଣ ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । ଉଭୟ ସଂଗଠିତ ଓ ଅସଂଗଠିତ କ୍ଷେତ୍ରରେ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଯଥା- କ୍ଷୀର, ପନିର, ଖୁଆ, ଛେନା, ଦହି, ଲହୁଣୀ ଓ ଘିଅ ପ୍ରଭୃତି ଉତ୍ପାଦିତ ଦ୍ରବ୍ୟର ମାନ ଯାଂଚ କରାଯିବ ବୋଲି କୁହାଯାଇଛି । ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ଏହି ମାନ ପରୀକ୍ଷଣକୁ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ ସ୍ୱାଗତ କରାଯାଇଛି । କିନ୍ତୁ ମାନ ପରୀକ୍ଷଣ ଓ ଯାଂଚ ନାଁରେ ଫୁଡ୍ ସେଫ୍‌ଟି ଆଣ୍ଡ ଅଥୋରିଟି ଅଫ୍ ଇଣ୍ଡିଆ ପକ୍ଷରୁ ଯଦି ଜୁଲମ୍ କରାଯାଏ, ତାହେଲେ ତାହାକୁ ବରଦାସ୍ତ କରାଯିବ ନାହିଁ ବୋଲି ଓଡ଼ିଶା ଦୁଗ୍ଧଚାଷୀ ମହାସଂଘର ଅଧ୍ୟକ୍ଷ ରବି ବେହେରା ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ପ୍ରକାଶ କରିଛନ୍ତି । ଶ୍ରୀ ବେହେରା ଆହୁରି ମଧ୍ୟ କହିଛନ୍ତି ଯେ, ଦୁଗ୍ଧ ଉତ୍ପାଦନରେ ଭାରତ ହେଉଛି ବିଶ୍ୱର ୧ ନମ୍ବର ଦେଶ । କିନ୍ତୁ ଏ ଦେଶରେ ମୁଣ୍ଡପିଛା ୨୧୫ ଗ୍ରାମ୍ ଦୁଗ୍ଧ ଆବଶ୍ୟକ ହେଉଥିବା ବେଳେ ଜଣେ ବ୍ୟକ୍ତିକୁ ୧୬୦ ଗ୍ରାମ୍ କ୍ଷୀର ମିଳିପାରୁଛି । ଫଳରେ ବୁଢାବୁଢି, ରୋଗୀ, ଗର୍ଭବତୀ ମହିଳା ଓ ଶିଶୁମାନେ ଦୁଗ୍ଧ ଅଭାବରୁ ପୁଷ୍ଟିହୀନତାର ଶିକାର ହେଉଛନ୍ତି । ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ନିୟୋଜିତ ଥିବା ଗ୍ରାମା ଳର ଅର୍ଦ୍ଧଶିକ୍ଷିତ ମହିଳା, ଚାଷୀ ଓ ଯୁବକ ଯୁବତୀମାନେ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ଉଚିତ୍ ମୂଲ୍ୟ ପାଇପାରୁନାହାଁନ୍ତି । ସ୍ୱାଧୀନତାର ୭୭ବର୍ଷ ପରେ ମଧ୍ୟ ଭାରତ ସରକାର ଓ ରାଜ୍ୟ ସରକାରମାନେ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍.ଏସ୍.ପି.) ନିର୍ଦ୍ଧାରିତ କରିବାରେ ବିଫଳ ହୋଇଛନ୍ତି । ଫଳରେ ଗ୍ରାମା ଳର ଦୁଗ୍ଧଚାଷୀମାନେ ତାଙ୍କ ଉତ୍ପାଦିତ ଦ୍ରବ୍ୟର ଉଚିତ୍ ମୂଲ୍ୟ ପାଇବାରୁ ବ୍‌ତ ହେବା ସଂଗେସଂଗେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି । ଧାନ ଓ ଗହମ ଉତ୍ପାଦନ ପରେ ଏ ଦେଶର ଗ୍ରାମ୍ୟ ଅର୍ଥନୀତିରେ ଦୁଗ୍ଧ ଅର୍ଥନୀତିର ଏକ ବଳିଷ୍ଠ ଭୂମିକା ରହିଆସିଅଛି। ଗୋଟାଏ ଦିଗରେ ଗ୍ରାମା ଳ ଚାଷୀମାନେ ଉଚିତ୍ ମୂଲ୍ୟ ପାଉନଥିଲା ବେଳେ ଅନ୍ୟ ଦିଗରେ ଦୁଗ୍ଧ ଉତ୍ପାଦନ ଖର୍ଚ୍ଚ ଦିନକୁ ଦିନ ବଢିବାରେ ଲାଗିଛି । ଗୋଖାଦ୍ୟର ଆକାଶଛୁଆଁ ଦରବୃଦ୍ଧି, ପଶୁମାନଙ୍କ ପାଇଁ ବ୍ୟବହୃତ ହେଉଥିବା ଔଷଧ ଓ ଇଞ୍ଜେକ୍‌ସନ୍‌ର ମୂଲ୍ୟ ବଢିବା ଯୋଗୁଁ ଗ୍ରାମାଂଚଳର ଅର୍ଥନୀତି ଭୁଷୁଡ଼ି ପଡ଼ିଛି ।

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓ୍ୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୁଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ। ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ ରହିଛି। ମୋଟୋର ଗ୍ରେଡ଼ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବ୍ଠକ୍ଷସ୍ପ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ୱାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷସ୍ପ;ରନେଟ ଅଫ୍ ଥିଙ୍ଗସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।


MAHARISHI PUBLIC SCHOOL



2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Saturday May 27, 2023 | ଭୁବନେଶ୍ୱର ଶନିବାର, ମଇ ୨୭,୨୦୨୩ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com



# ଓଡିଶା ଲଳିତ କଳା ଏକାଡେମୀ ଦ୍ୱାରା ସୋନପୁରଠାରେ ପାରମ୍ପରିକ ଟେରାକୋଟା ଶିବିର ଉଦଘାଟିତ



ଭୁବନେଶ୍ୱର,(ପି.ଏନ): ଓଡିଶା ଲଳିତ କଳା ଏକାଡେମୀ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ସୋନପୁରର କୁମ୍ଭାରପଡାଠାରେ ପାରମ୍ପରିକ ଟେରାକୋଟା ଶିବିର ଉଦଘାଟିତ ହୋଇଯାଇଛି ଓ ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶ ଶିବିରକୁ ଉଦଘାଟନ କରିବା ସହ ସୋନପୁର ଟେରାକୋଟା ଓଡିଶାର କଳା, ସଂସ୍କୃତି ଓ ଐତିହରବାର୍ତ୍ତାବହ ବୋଲି ପରିପ୍ରକାଶ କରିଥିଲେ ଓଉତ୍ସବ ଅବସରରେ ଏକାଡେମୀର କାର୍ଯ୍ୟକାରୀ ସମିତ ସଦସ୍ୟ ଶ୍ୟାମ ସୁନ୍ଦର ମେହେର, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ ଓପ୍ରାରମ୍ଭରେ ଏକାଡେମୀର ସଚିବ ପଞ୍ଚାନନ ସାମଲ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନୀତ କରିଥିଲେ ଓ ସୋନପୁର ଟେରାକୋଟାର ସ୍ୱତନ୍ତ୍ରତା ସାରାଭାରତରେ ପ୍ରସିଦ୍ଧ। ଏହି ବିଶେଷତାକୁ ଏବଂ ଶିଳ୍ପୀ ମାନଙ୍କର କଳାକୃତିକୁ ପ୍ରଚାର ପ୍ରସାର ପାଇଁ ଓ ଶିଳ୍ପୀ ମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଓଡିଶା ଲଳିତ କଳା ଏକାଡେମୀର ଏହା ଏକ ନିଆରା ପ୍ରୟାସ। ପ୍ରସ୍ତୁତ କଳାକୃତି ଗୁଡ଼ିକ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରଦର୍ଶିତ ହେବା ସହିତ ଓଡ଼ିଶା ବାହାରେ ମଧ୍ୟ ଏକାଡେମୀ ପ୍ରଦର୍ଶନୀ ଜରିଆରେ ପ୍ରଦର୍ଶିତ କରିଥାଆନ୍ତି।ଏହା ଦ୍ୱାରା ଶିଳ୍ପୀ ମାନଙ୍କୁ ଜାଣିବା ସହିତ ତାଙ୍କର କଳାକୃତିର ଚାହିଦା ବିଶ୍ୱ ଦରବାରରେ ବଢେଇବାପାଇଁ ଏକାଡେମୀର ମୂଳ ଆଭିମୁଖ୍ୟ।ଉତ୍ସବ ଅବସରରେ ୨୦ ଜଣ ପାରମ୍ପରିକ ଟେରାକୋଟା ଶିଳ୍ପୀ ଅଂଶଗ୍ରହଣ କରି ୭ ଦିନ ଧରି ସୋନପୁରର ପ୍ରସିଦ୍ଧ ଟେରାକୋଟା ହନୁମାନ,କିଶକିନ୍ଧା ମାଙ୍କଡ, ହାତୀ, ଘୋଡା,କାମଧେନୁ, ଘୁମ ଓ ବିଭିନ୍ନ ରିଲିଫ ସାମଗ୍ରୀ ଆଦି ତିଆରି କରିବେଓ ଉତ୍ସବ ଅବସରରେ ଅତୀଥିମାନେ ଅଂଶଗ୍ରହଣକାରୀ ଶିଳ୍ପୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ଓଉକ୍ତ ଶିବିର ଦ୍ୱାରା ଓଡିଶାର ମୌଳିକ ଆର୍ଟ ଫର୍ମର ବହୁଳ ପ୍ରଚାର ଓ ପ୍ରସାର ହୋଇପାରିବ ଏବଂ ଶିଳ୍ପୀମାନେ ନିଜର କଳଚାତୁରୀକୁ ସୃଜନଶୀଳ ଢଙ୍ଗରେ ପ୍ରଦର୍ଶନ କରିପାରିବେ ବୋଲି ଏକାଡେମୀ ସଚିବ ପ୍ରକାଶ କରିଥିଲେ ଓ ଏହି ଶିବିର ମଇ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ଓ ଉଦଯାପନ ଦିନ ଟେରାକୋଟା କଳାକୃତି ଗୁଡିକର ଏକ ପ୍ରଦର୍ଶନୀଆୟୋଜିତ ହେବଓ

## ବାର୍ଦ୍ଧକ୍ୟ ଭତା ଓ ଭିନ୍ନକ୍ଷମ ଭତା ନିମନ୍ତେ ମାଲକାନଗିରି ବ୍ଲକରେ ସର୍ବେକ୍ଷଣ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲାର ୧୧୧ ପଂଚାୟତ ଥିବାବେଳେ କେବଳ ମାଲକାନଗିରି ବ୍ଲକର ୧୯ ଟି ପଂଚାୟତରେ ବାର୍ଦ୍ଧକ୍ୟ ଭତା ଓ ଭିନ୍ନକ୍ଷମ ଭତା ନିମନ୍ତେ ସର୍ବେକ୍ଷଣ ଆରମ୍ଭ ହୋଇଥିବା ସୂଚନା ମିଳିଛି।ଅନେକ ବୃଦ୍ଧ (ବୟୋଜ୍ୟେଷ୍ଠ)ବ୍ୟକ୍ତି ମାନେ ନିଜ ଭତା ନେବା ନିମନ୍ତେ ପଂଚାୟତକୁ ଆସିପାରୁ ନଥିବା ଜାଣିପାରି ଜିଲ୍ଲା ପ୍ରଶାସନ ସେମାନଙ୍କ ଭତା ବ୍ୟାଙ୍କ୍ ଓ ପୋଷ୍ଟ ଅଫିସ ସହ ସଂଯୋଗ କରିଥିଲେ। କିନ୍ତୁ, ଏଥିରେ ମଧ୍ୟ କିଛି ଅସୁବିଧା ଦେଖା ଦେଇଥିଲା। ଏଣୁ ସେମାନଙ୍କ ପୁନଃ ମତ ସଂଗ୍ରହ ଓ ନୂତନ ବ୍ୟକ୍ତି ଚୟନ ନିମନ୍ତେ ବିଡ଼ିଓ ଅଜୟ କୁମାର ପ୍ରଧାନ ଓ ସମସ୍ତ ପଂଚାୟତ ନିର୍ବାହୀ ଅଧିକାରୀଙ୍କ ସହ ୫୭ ଜଣ ୧୫/୧୬/୧୭ ମଇ ୨୦୨୩ ତିନିଦିନ ଧରି ୧୨୪ଟି ରାଜସ୍ୱ ଗ୍ରାମ ଓ ସମସ୍ତ ହମଲେଟ୍ ଗ୍ରାମକୁ ଯାଇଛନ୍ତି। ୧୨୨୯୨ ଜଣ ହିତାଧିକାରୀ ଏହି ସର୍ବେକ୍ଷଣରେ ଭାଗନେଇଥିବା ଜଣାପଡିଛି।ଏହି ବ୍ୟବସ୍ଥାରେ ନୂତନ ବ୍ୟକ୍ତି ଚୟନ, ଆଧାର ନଥିବା ବ୍ୟକ୍ତି, ଆଧାର କାର୍ଡ ରହିଛି କିନ୍ତୁ ଅପଡେଟ ହୋଇପାରୁନାହିଁ, ଗ୍ରାମରେ ନେଟୱାର୍କର ସମସ୍ୟା ପ୍ରଭୃତି ସର୍ବେକ୍ଷଣ କାର୍ଯ୍ୟ ଚାଲିଛି।

## ନେତ୍ରାନନ୍ଦ ଭୋଇଙ୍କ ହରିଜନ ଆବାସିକ ବିଦ୍ୟାଳୟକୁ ୨ଲକ୍ଷ ଟଙ୍କା ଦାନ



ବାଲିପାଟଣା: ଶୁକ୍ରବାର ମଧ୍ୟାହ୍ନ ସମୟରେ ବାଲିପାଟଣା ବ୍ଲକ ଅନ୍ତର୍ଗତ କୁରୁଞ୍ଜିପୁର ଗ୍ରାମ ପଞ୍ଚାୟତର ଓଡ଼ଖଣ୍ଡ (ସୋଧୁଅ) ଗ୍ରାମ ନିକଟରେ ଥିବା ହରିଜନ ଆବାସିକ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନିରଞ୍ଜନ ଶାଥୁଆଙ୍କ ସଭାପତିତ୍ୱରେ ଛାତ୍ର ଛାତ୍ରୀମାନଙ୍କୁ ନେଇ ଏକ ମେଧାବୀ ଛାତ୍ର ସୃଷ୍ଟି କରିବା ଓ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହଯୋଗ କରିବା ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜୟଦେବ ବିଧାୟକ ଡ ଅରବିନ୍ଦ ଢ଼ାଲି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ଭଲ ପାଠ ପଢି ବିଦ୍ୟାଳୟର ନାମକୁ ସାରା ଓଡ଼ିଶାରେ ପରିଚିତ କରିବା ସହିତ ଭବିଷ୍ୟତରେ ଡ଼ାକ୍ତର, ଇଞ୍ଜିନିୟର ଓ ଶିକ୍ଷାବିତ୍ ହେବା ପାଇଁ ପରାମର୍ଶ ଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରୀ ଜିଲ୍ଲାର ନିମାପଡା ଝାମ୍ପୁଲାକୁଦ ଗ୍ରାମର ବିଶିଷ୍ଟ ପକ୍ଷାଘାତ ହୋମିଓପାଥି ଚିକିତ୍ସକ ତଥା ଓଡ଼ିଶା ରାଜ୍ୟ ଘରୋଇ ହୋମିଓପାଥିକ ସଂଘର ସଭାପତି ଡ ନେତ୍ରାନନ୍ଦ ଭୋଇ ବିଦ୍ୟାଳୟକୁ ନଗଦ ୨ଲକ୍ଷ ଟଙ୍କା ଗରିବ ମେଧାବୀ ଛାତ୍ର ଛାତ୍ରୀଙ୍କ ପାଠପଢ଼ା ମନଭାବକୁ ବଢ଼ାଇବା ନେଇ ପ୍ରଦାନ କରିଥିଲେ। ଉକ୍ତ ରାଶି ବ୍ୟାଙ୍କରେ ଜମକରାଯିବ ସେଥିରୁ ଯେଉଁ ସୁଧ ମିଳିବ ତାହା ପିଲାମାନଙ୍କ ମଧ୍ୟରେ ଭଲ ନମ୍ବର ରଖି ଶ୍ରେଣୀରେ ସର୍ବଶ୍ରେଷ୍ଠ ପ୍ରଥମ ଦ୍ୱିତୀୟ ଓ ତୃତୀୟ ମେଧାବୀ ଛାତ୍ର ଛାତ୍ରୀଙ୍କୁ ପ୍ରତ୍ୟେକ ବର୍ଷ ଆର୍ଥିକ ସାହାଯ୍ୟ ଦେବା ପାଇଁ ପ୍ରଧାନ ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ବ୍ଲକ ପ୍ରତିନିଧି କାଳୁ ଚରଣ ସେଠୀ, ପ୍ରକୁତିବନ୍ଧୁ ଦୀନବନ୍ଧୁ ଭୋଇ, ବୁଧନାଥ ବାରିକ, ରାଜକିଶୋର ପରିଡ଼ା, ବଳରାମ ମଲ୍ଲିକ, କିଶୋର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବଦଳ ଶାସନ ନିକଟରେ ଥିବା ସରସ୍ୱତୀ ଶିଶୁମନ୍ଦିର ଶ୍ରେଣୀ ଗୃହ ପ୍ରବେଶ କାର୍ଯ୍ୟକ୍ରମରେ ବିଧାକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

# ଗୁପ୍ତା ଇଭେନ୍ଟସ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଗ୍ଲୋବାଲ୍ ବିଜିନେସ କାର୍ନିଭାଲ୍-୨୦୨୩




ଭୁବନେଶ୍ୱର,(ପି.ଏନ): ସ୍ଥାନୀୟ ଜନତା ମଇଦାନଠାରେ ଗୁପ୍ତା ଇଭେନ୍ଟସ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ନ୍ତଗ୍ଲୋବାଲ୍ ବିଜିନେସ କାର୍ନିଭାଲ୍-୨୦୨୩ନ୍ତର ଘୋଷଣା କରାଯାଇଛି । ଏହି ଅବସରରେ ମ୍ୟାନେଜିଙ୍ଗ୍ ଡାଇରେକ୍ଟର ସୁଜିତ କୁମାର ଗୁପ୍ତା, ଡାଇରେକ୍ଟର ପାୟଲ ଆଚାର୍ଯ୍ୟ ଗୁପ୍ତା ଏବଂ ଗୁପ୍ତା ଇଭେନ୍ଟସ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦିପକ ମହାନ୍ତି, ଆଇଡିଆ କ୍ରିଏସନ ମୁଖ୍ୟ ରଣଜିତ୍ କର୍ମି, ପ୍ରପର୍ଟି ବ୍ରାଣ୍ଡ ନିର୍ଦ୍ଦେଶକ ସଚିନ ସିଂ, ଓପନ୍ କିଚେନ୍ ଆଣ୍ଡ ବାର୍ ଗୌରବ କୁମାର ରାମ ଉପସ୍ଥିତି ଥିଲେ। ଏହା ଆସନ୍ତା ୧୯ ତାରିଖ ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ୨ଟା ରୁ ୯ଟା ଯାଏଁ ଚାଲିବ। ଏହା ପୂର୍ବ ଭାରତର ସର୍ବବୃହତ ମଲ୍ଟି ସେକ୍ଟର ବି୨ବି ଓ ବି୨ସି ପ୍ରଦର୍ଶନୀ ହେବ। ଓଡିଶାରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆୟୋଜକ ଏହି କାର୍ନିଭାଲ୍ ସମ୍ପୂର୍ଣ୍ଣ ବତାନୁକୂଳିତ ହ୍ୟାଙ୍ଗରରେ ଆୟୋଜନ କରୁଛନ୍ତି। ଗୁପ୍ତା ଇଭେନ୍ଟସ ମ୍ୟାନେଜମେଣ୍ଟ ଏମଏସଏମଇ ଏବଂ କୋଏର ବୋର୍ଡ ସହିତ ଅନୁବନ୍ଧିତ ହୋଇ କ୍ଷୁଦ୍ର ବ୍ୟବସାୟିକ ଅନୁଷ୍ଠାନ ପାଇଁ ସରକାରୀ ରିହାତିର ବ୍ୟବସ୍ଥା ରହିଛି। ଏହି ପ୍ରଦର୍ଶନୀରେ ୨୦ଟି ରାଜ୍ୟ ଏବଂ ୮ଟି ଦେଶର ପ୍ରତିନିଧିମାନେ ଅଂଶ ଗ୍ରହଣ କରିବେ। ଏଠାରେ ବିଭିନ୍ନ ପ୍ରକାର ଏକ୍ସପୋମାନ ଯଥାକ୍ରମେ ପ୍ରପର୍ଟି ବ୍ରାଣ୍ଡ ଏକ୍ସପୋ, ଫର୍ଣ୍ଣିଚର ଆଣ୍ଡ ଇନ୍ଟରିଅର୍, ଗ୍ଲୋବାଲ ଏଡୁକେସନ, ଆଇଟି ଆଣ୍ଡ ସଫ୍ଟୱେର, ଫ୍ୟାସନ ଆଣ୍ଡ ଲାଇଫ୍ ଷ୍ଟାଇଲ୍, ହେଲଥ୍ ଆଣ୍ଡ ୱେଲ୍ଲନେସ୍, ସ୍ୱଦେଶୀ, ଅଟୋ ଏକ୍ସପୋ ସହିତ ସମସ୍ତ ଜାତୀୟ ଏବଂ ଅନ୍ତର୍ଜାତୀୟ ଉତ୍ପାଦମାନ ମିଳିବ। ଏଥି ସହିତ ସମସ୍ତ ପ୍ରକାର ଭାରତୀୟ ହସ୍ତତନ୍ତ ହସ୍ତଶିଳ୍ପ ଏବଂ ଗୃହ ସାଜସଜା ଉତ୍ପାଦମାନ ମଧ୍ୟ ପ୍ରଦର୍ଶିତ ହେବ। ବହୁ ଚର୍ଚ୍ଚିତ ହୋଟେଲ ଏବଂ ରେଷ୍ଟୁରାନ୍ଟ ସହ ମିଳିତ ଭାବେ ଫୁଡ୍ ଫେଷ୍ଟିଭାଲର ଆୟୋଜନ ହେବ। ଏହି ସବୁ ମଧ୍ୟରୁ ଆଇଟି ଆଣ୍ଡ ସଫ୍ଟୱେର, ଏଡୁକେସନ ଆଣ୍ଡ ହେଲଥ୍ ଉପରେ ରାଜ୍ୟ ତଥା ରାଜ୍ୟ ବାହାରର ବକ୍ତାମାନଙ୍କୁ ନେଇ ଆଲୋଚନା ଚକ୍ର ଓ କର୍ମଶାଳା ଅନୁଷ୍ଠିତ ହେବ। ପ୍ରତିଦିନ ସନ୍ଧ୍ୟାରେ ଉପସ୍ଥିତ ଜନତାମାନଙ୍କୁ ଆକର୍ଷିତ କରିବା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରିବା ସହିତ ଓପନ୍ କିଚେନ୍ ଆଣ୍ଡ ବାର୍ ଦ୍ୱାରା ଏକ ଫୁଡ୍ ଜୋନ୍‌ର ବ୍ୟବସ୍ଥା କରାଯାଇଛି ଯାହା ଦ୍ୱାରା ସମସ୍ତେ ସ୍ୱାଦିଷ୍ଟ ଏବଂ ସୁସ୍ଥକର ଖାଦ୍ୟ ଉପଭୋଗ କରିପାରିବେ। ପ୍ରାୟ ୫ଲକ୍ଷରୁ ଅଧିକ ଗ୍ରାହକ ଏହି ୧୧ ଦିନିଆ ଇଭେଣ୍ଟ ପରିଦର୍ଶନ କରିବେ ବୋଲି ଆଶା। ବିଭିନ୍ନ କ୍ଷେତ୍ରର ଗୁଣାତ୍ମକ ଉତ୍ପାଦମାନ ଯାହା ଏକ କେନ୍ଦ୍ରୀୟ ସ୍ଥାନରେ ଗ୍ରାହକମାନେ ଦେଖିବାର ସୁବିଧା ପାଇପାରିବେ। ଉଭୟ ଗ୍ରାହକ ଏବଂ ବ୍ୟବସାୟୀଙ୍କ ପାଇଁ ବ୍ୟବସାୟ ସୁଯୋଗ ସୃଷ୍ଟି ପାଇଁ ଏହା ସର୍ବନିମ୍ନ ସମୟ ମଧ୍ୟରେ ସର୍ବାଧିକ ପ୍ଲାଟଫର୍ମ ଯୋଗାଇ ଦେବ। ଏହି ପ୍ରଦର୍ଶନୀର ଆୟୋଜକ ଗୁପ୍ତା ଇଭେନ୍ଟସ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ଗତ ଦଶନ୍ଧିରୁ ଏକ ବୃତିଗତ ଭାବରେ ପରିଚାଳିତ ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀ। ମ୍ୟାନେଜିଙ୍ଗ୍ ଡାଇରେକ୍ଟର ସୁଜିତ କୁମାର ଗୁପ୍ତା ଏବଂ ଡାଇରେକ୍ଟର ପାୟଲ ଆଚାର୍ଯ୍ୟ ଗୁପ୍ତାଙ୍କ ନେତୃତରେ ବିଶ୍ୱବ୍ୟାପୀ ବ୍ୟବସାୟୀ ଏବଂ ଗ୍ରାହକଙ୍କୁ ଏକ ସ୍ୱତନ୍ତ୍ର ପ୍ଲାଟଫର୍ମ ଯୋଗାଇ ଦେବାର ଉଦ୍ଦେଶ୍ୟରେ ସୁଜିତ ଗୁପ୍ତା ଏବଂ ପାୟଲ ଆଚାର୍ଯ୍ୟ ଗୁପ୍ତାଙ୍କ ସଂକଳ୍ପ ଅଟେ।

# ସୁପର୍ ଆପ୍ ନ୍ତପିପୋନେଟ୍'ର ଶୁଭାରମ୍ଭ କରିବ ନୁରେ ଭାରତ ନେଟ୍ୱର୍କ

ଭୁବନେଶ୍ୱର,(ପି.ଏନ): ନୁରେ ଭାରତ ନେଟ୍ୱର୍କ ପକ୍ଷରୁ ଏହାର ନୂଆ ମୋବାଇଲ ଆପ୍- ପିପୋନେଟ୍‌ର ଶୁଭାରମ୍ଭର ଘୋଷଣା କରାଯାଇଛି। ନୁରେ ଭାରତ ନେଟୱର୍କ ହେଉଛି ଏକ ଅଗ୍ରଣୀ ଡିଜିଟାଲ ଟ୍ରାନ୍ସଫର୍ମେଶନ ଓ ଟେକ୍ନୋଲୋଜି ସଲ୍ୟୁଶନ୍ସ ପ୍ରଦାତା ୩ଆଇ ଇନ୍‌ଫୋଟେକ୍ ଲିମିଟେଡ୍, ଏପ୍‌ଆଇଏସ୍‌ଏସ୍‌ଟି ଓ ୟେଲୋ ଆଇଏନ୍‌ସି. ମଧ୍ୟରେ ଏକ ଯୌଥ ଉଦ୍ୟୋଗ ସଂଗଠନ (କନ୍‌ସୋର୍ଟିୟମ)। ରେଳ ମନ୍ତ୍ରଣାଳୟ ଅଧିନରେ ଏକ ମିନିରତ୍ନ ପିଏସ୍‌ୟୁ ରେଲ୍‌ଟେଲ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍, ଭାରତୀୟ ରେଳ ନେଟ୍ୱର୍କରେ ଏହାର ସାର୍ବଜନିନ ୱାଇଫାଇକୁ ମନିଟାଇଜ୍ କରିବା ପାଇଁ ୩ଆଇ ଇନ୍‌ଫୋଟେକ୍ ନେତୃତ୍ୱାଧୀନ ଏହି କନ୍‌ସୋର୍ଟିୟମ ସହ ସହଭାଗିତା କରିଛି। ଭାରତୀୟ ରେଳବିଭାଗ ଦୈନିକ ୨୩ ମିଲିୟନ ଯାତ୍ରୀ ସଂଖ୍ୟା ସହିତ ଏସିଆର ସର୍ବବୃହତ୍ ରେଳ ନେଟ୍ୱର୍କ ଅଟେ ଏବଂ ରେଲ୍‌ଟେଲ୍ ଦ୍ୱାରା ୬୧୦୯ ରେଳ ଷ୍ଟେସନରେ ପ୍ରଦାନ କରାଯାଉଥିବା ୱାଇଫାଇ ନେଟ୍ୱର୍କରେ ପ୍ରତିଦିନ ୧.୫ ମିଲିୟନରୁ ଅଧିକ ଉପଭୋକ୍ତା ଲଗ୍‌ଇନ୍ କରୁଛନ୍ତି। ପିପୋନେଟ୍ ଆପ୍ (ରେଲ୍‌ଟେଲ୍ ଦ୍ୱାରା ପରିଚାଳିତ) ଉପଭୋକ୍ତାଙ୍କୁ ଇ-ଟିକେଟିଙ୍ଗ୍, ଟ୍ରାଭେଲ, ଷ୍ଟେ ରିଜର୍ଭେଶନ, ପୋର୍ଟର ବୁକିଙ୍ଗ, ମ୍ୟୁଜିକ୍, ଇନ୍‌ଫୋଟେନ୍‌ମେଂଟ୍, ଏଡୁଟେନ୍‌ମେଂଟ୍, ଓଟିଟି ଚ୍ୟାନେଲ ଓ ବିଭିନ୍ନ ହେଲ୍ପଲାଇନ୍ ସେବା ଭଳି ଇଂଟିଗ୍ରେଟେଡ୍ ସେବାଗୁଡିକ ସହ ସାହାଯ୍ୟ କରିବ। ପିପୋନେଟ୍ ଭାରତର କାରିଗରମାନଙ୍କୁ ନିଜର ଉତ୍ପାଦଗୁଡିକୁ ବିକ୍ରି କରିବା ପାଇଁ ଏକ ଇକମର୍ସ ପ୍ଲାଟ୍‌ଫର୍ମ ମଧ୍ୟ ପ୍ରଦାନ କରିବ। ନୁରେ ଭାରତ ନେଟ୍ୱର୍କ ଏହାର ଡିଜିଟାଲ ମାର୍କେଟିଙ୍ଗ ପ୍ରୟାସଗୁଡିକ ମାଧ୍ୟମରେ ଆଜିର ୧.୫ ମିଲିୟନ ଲଗ୍‌ଇନ୍‌ରୁ ୧୧ ମିଲିୟନରୁ ଅଧିକ ଲଗ୍‌ଇନ୍‌କୁ ବୃଦ୍ଧି କରିବା ସହିତ, ଭାରତର ସେଲରମାନଙ୍କ ପାଇଁ ବାଣିଜ୍ୟିକ ସୁଯୋଗ ମଧ୍ୟ ବହୁଗୁଣିତ ହେବ, ସେମାନଙ୍କର ଆର୍ଥିକ ସ୍ଥିତିକୁ ପରିବର୍ତ୍ତନ କରିବ।ଏହି ଶୁଭାରମ୍ଭ ଅବସରରେ ନୁରେ ଭାରତ ନେଟ୍ୱର୍କର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ସ୍ୟାକ୍ସ କ୍ରିଷ୍ଣା କହିଛନ୍ତି, 'ନୁରେ ଭାରତ ନେଟ୍ୱର୍କର ଶୁଭାରମ୍ଭ ସହତ ଅମେ ଦେଶର ମଙ୍ଗଳ ପାଇଁ ଏକ ବୃହତ୍ ଲକ୍ଷ୍ୟ ପୂରଣ କରିବା ପାଇଁ ଯୋଜନା ରଖିଛୁ। ୱାଇଫାଇ ଆକ୍‌ସେସ ସୁରକ୍ଷିତ ହେବ, ତେଣୁ ଆମେ ଭାରତୀୟ ନାଗରିକଙ୍କୁ ସ୍ୱାସ୍ଥ୍ୟସେବା, ଶିକ୍ଷା ଆଦି ସେବାରଗୁଡିକର ସୁବିଧା ଦେଇପାରିବୁ। ବିଶେଷ କରି ଟିୟର ୩ ଓ ୪ ଟାଉନ୍‌ଗୁଡିକରେ, ଆମେ ଲୋକମାନଙ୍କୁ ଇଂଟରନେଟ୍‌କୁ ଗଣତାନ୍ତ୍ରିକ କରିବା ପାଇଁ ପହଂଚ ପ୍ରଦାନ କରି ସଶକ୍ତ କରିବାକୁ ଚାହୁଁଛୁ, ଯାହା ଉନ୍ନତ ସୁଯୋଗଗୁଡିକ ପାଇଁ ବାଟ ଖୋଲିବ।' ଏସମ୍ପର୍କରେ ରେଲ୍‌ଟେଲ୍‌ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ସୟ କୁମାର କହିଛନ୍ତି, ' ଆମେ ପିପୋନେଟ୍‌ର ଶୁଭାରମ୍ଭ ଏବଂ ଅପାର କ୍ଷମତା ଥିବା ଏକ ପ୍ଲାଟ୍‌ଫର୍ମ ମାଧ୍ୟମରେ ଭାରତକୁ ଏକାଠି କରିବା ଦିଗରେ ଆମେ କରୁଥିବା କାର୍ଯ୍ୟଗୁଡିକୁ ନେଇ ଉତ୍ସାହିତ ରହିଛୁ। ଆମେ ୩ଆଇ ଇନ୍‌ଫୋଟେକ୍ ଓ କନ୍‌ସୋର୍ଟିୟମର ଅନ୍ୟ ସଦସ୍ୟମାନଙ୍କୁ ଏହି ସାମାଜିକ-ଅର୍ଥନୈତିକ ଉଦ୍ଭାବନ ପ୍ରତି ସେମାନଙ୍କର ଯୋଗଦାନ ପାଇଁ ଶୁଭେଚ୍ଛା ଜଣାଉଛୁ।'

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884, 2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray